ଓଡ଼ିଶା ସରକାର

# ବଜେଟ୍
## ୨୦୧୫-୧୬

## ସାଧାରଣ
### ଦ୍ୱିତୀୟ ଭାଗ









**ଶ୍ରୀ ପ୍ରଦିପ କୁମାର ଅମାତ**
ଅର୍ଥମନ୍ତ୍ରୀଙ୍କ ଦ୍ୱାରା ଉପସ୍ଥାପିତ

**୧୬ ଫେବୃଆରୀ, ୨୦୧୫**













ବାଚସ୍ପତି ମହୋଦୟ !

ବର୍ତ୍ତମାନ ମୁଁ ସାଧାରଣ ବଜେଟ୍ ଉପସ୍ଥାପନ କରୁଛି ।

## 2. **ଅର୍ଥ ନୀତିର ସ୍ଥୂଳ ଦୃଶ୍ୟପଟ୍ଟ**

**2.1** ଯଦିଓ ସମୃଦ୍ଧ ଦେଶମାନଙ୍କର ଅଭିବୃଦ୍ଧିରେ ଭିନ୍ନତା ରହିଛି, ବିଶ୍ୱ ଅର୍ଥ ନୀତି ତଥାପି ଅଭିବୃଦ୍ଧି ପାଇଁ ସଂଘର୍ଷ ଜାରି ରଖିଛି ଓ ସାମଗ୍ରୀକ ଅଭିବୃଦ୍ଧି ଧିରେ ଧିରେ ହେବ ବୋଲି ଆଶାକରାଯାଉଛି । ପ୍ରଗତିଶୀଳ ଦେଶର ସ୍ୱଳ୍ପ ଅଭିବୃଦ୍ଧି ହାର ଯୋଗୁଁ ଅଶୌଧିତ ତୈଳ ଏବଂ ଲୁହାପଥର ଇତ୍ୟାଦିର ମୂଲ୍ୟ ଗୁଡିକରେ ହ୍ରାସ ପାଇଛି ।

**2.2** 2014-15 ର ଅଗ୍ରୀମ ଅଟକଳ ଅନୁସାରେ ଜାତୀୟ ଅର୍ଥନୀତି ଚଳିତ ଆର୍ଥିକ ବର୍ଷରେ 7.4 ପ୍ରତିଶତ ହାରରେ ବୃଦ୍ଧିପାଉଥିବା ବେଳେ 2013-14 ରେ ଏହି ଅଭିବୃଦ୍ଧି ହାର 6.୨ ପ୍ରତିଶତ ଥିଲା । ଆର୍ଥିକ ପରିସ୍ଥିତିରେ ଉନ୍ନତି ଆସିଛି ଏବଂ ମୁଦ୍ରା ସ୍ଫୀତୀ ଓ ଚଳନ୍ତି ହିସାବରେ ନିଅଣ୍ଟ ନିୟନ୍ତ୍ରଣାଧୀନ ଅଛି ।

**2.3** ରାଜ୍ୟ ଅର୍ଥନିତୀରେ 2011-12 ଠାରୁ 2013-14 ପର୍ଯ୍ୟନ୍ତ ଥିବା ମାନ୍ଦାବସ୍ଥାରେ ଉନ୍ନତି ଆସିଛି ଏବଂ ସାମଗ୍ରୀକ ଘରୋଇ ଉତ୍ପାଦର ଅଗ୍ରୀମ ଅକଟକଳ ଅନୁସାରେ 2014-15 ରେ ରାଜ୍ୟ ଅର୍ଥନୀତିର ଅଭିବୃଦ୍ଧି ହାର ୫.0୫ ପ୍ରତିଶତ ହେବ ବୋଲି ଆଶା କରାଯାଉଛି । ଅଗ୍ରୀମ ଅଟକଳ ସୂଚାଇ ଦେଉଛି ଯେ ଜାତୀୟ ଅର୍ଥନୀତିର ଅଭିବୃଦ୍ଧି ହାର ତୁଳନାରେ ରାଜ୍ୟର ଅଭିବୃଦ୍ଧି ହାର ଅଧିକ ହେବ । ତେବେ ବର୍ତ୍ତମାନ ସୁଦ୍ଧା ନିରବଚ୍ଛିନ୍ନ ଭାବେ ବିଶ୍ୱ ଓ ଦେଶର ଅର୍ଥନୀତିର

ଅନିଶ୍ଚିତତା ପରିପ୍ରେକ୍ଷୀରେ 2015-16 ଆର୍ଥିକ ବର୍ଷର ସ୍ଥିର ମୂଲ୍ୟ ସୂଚୀ ଓ ଚଳିତ ମୂଲ୍ୟ ସୂଚୀ ଅନୁସାରେ ସାମଗ୍ରୀକ ଘରୋଇ ଉତ୍ପାଦର ଅଭିବୃଦ୍ଧି ହାର ଯଥାକ୍ରମେ 8 ପ୍ରତିଶତ ଓ 12 ପ୍ରତିଶତ ହେବ ବୋଲି ଅନୁମାନ କରାଯାଉଛି ।

## 3. ଆର୍ଥିକ ପରିଚାଳନାର ମୁଖ୍ୟାଂଶ

**3.1** 2005-06 ଆର୍ଥିକ ବର୍ଷ ଠାରୁ କ୍ରମାଗତ ରାଜସ୍ୱ ବଳକା ସୃଷ୍ଟି ହେବା; ଆର୍ଥିକ ନିଅଣ୍ଟ ସାମଗ୍ରୀକ ଘରୋଇ ଉତ୍ପାଦର 3 ପ୍ରତିଶତ ମଧ୍ୟରେ ରହିବା; ଋଣ ପରିସ୍ଥିତିରେ ସ୍ଥିରତା ଆସିବା ଓ ରାଜସ୍ୱ ଆଦାୟରେ ଉନ୍ନତି ଆସିବା ଦ୍ୱାରା ଆମ ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଆସିଛି । ସୁତରାଂ ଆମେ ନିଶ୍ଚିତ ଭାବେ କହିପାରିବା ଯେ ନିରବଚ୍ଛିନ୍ନ ଭାବେ ରାଜ୍ୟ ଏହାର ଆର୍ଥିକ ସ୍ଥିତିକୁ ବିଜ୍ଞତାର ସହ ପରିଚାଳନା କରିପାରୁଛି । ଓଡିଶା ବିତ୍ତୀୟ ଉତ୍ତରଦାୟୀ ଓ ବଜେଟ୍ ପରିଚାଳନା ଆଇନ 2005 ର ସମସ୍ତ ଆର୍ଥିକ ପରିଚାଳନା ଲକ୍ଷ୍ୟ ହାସଲ କରାଯାଇ ପାରିଛି । ଏହି ଆଇନ୍ ଅନୁଯାୟୀ ଆର୍ଥିକ ସ୍ଥିତିର ବାର୍ଷିକ ସମୀକ୍ଷା କରାଯାଉଛି ଏବଂ ବିଧାନସଭାରେ ରିପୋର୍ଟ ଉପସ୍ଥାପିତ କରାଯାଉଛି । ଏହା ଆର୍ଥିକ ପରିଚାଳନାରେ ସ୍ୱଚ୍ଛତା ଆଣିଛି ।

**3.2** 2011-12 ଆର୍ଥିକ ବର୍ଷ ଠାରୁ ରାଜ୍ୟର ନିଜ ରାଜସ୍ୱରୁ ଦରମା, ପେନ୍‌ସନ୍ ଓ ସୁଧଦେୟ ଖର୍ଚ୍ଚ ତୁଲାଇପାରୁଛି । ସୁତରାଂ ପୁଞ୍ଜି ଓ ଯୋଜନା କ୍ଷେତ୍ର ପାଇଁ ସମ୍ବଳ ଉପଲବ୍ଧ ହୋଇଛି ।

**3.3** ଆର୍ଥିକ ସ୍ଥିତିର ଉନ୍ନତି ଆସିବା ହେତୁ ଆମେ ଉଲ୍ଲେଖନୀୟ ଭାବେ ପରିସମ୍ପତି, ସାମାଜିକ ଏବଂ ମାନବ ସମ୍ବଳ ସୃଷ୍ଟି କ୍ଷେତ୍ରରେ

ଅଧିକ ଅର୍ଥ ବିନିଯୋଗ କରିପାରୁଛୁ । 2007-08 ଆର୍ଥିକ ବର୍ଷରେ ରାଜ୍ୟ ଯୋଜନା ଅଟକଳ **5105 କୋଟି ଟଙ୍କା** ଥିବା ବେଳେ 2014-15 ଆର୍ଥିକ ବର୍ଷରେ ଏହା ପ୍ରାୟ ଆଠ ଗୁଣ ବୃଦ୍ଧି ପାଇ **38810 କୋଟି ଟଙ୍କା**ରେ ପହଁଞ୍ଚିଲାଣି ଏବଂ ଏଥି ସହିତ ପୁଞ୍ଜି ଖର୍ଚ୍ଚ **2843 କୋଟି 41 ଲକ୍ଷ** ଟଙ୍କାକୁ ବୃଦ୍ଧି ପାଇ **13657 କୋଟି 72 ଲକ୍ଷ ଟଙ୍କା**ରେ ପହଞ୍ଚିଲାଣି । ଏହି ସମୟ ମଧ୍ୟରେ ରାଜ୍ୟର ନଗଦ ଦେଣନେଣ ବ୍ୟବସ୍ଥାର ମଧ୍ୟ ସଠିକ୍ ପରିଚାଳନା କରାଯାଇଛି ।

**3.4** କେତେକ ବାହ୍ୟ କାରଣରୁ 2014-15 ଆର୍ଥିକ ବର୍ଷରେ ରାଜ୍ୟର ରାଜସ୍ୱ ସଂଗ୍ରହ ହାର ହ୍ରାସ ପାଇଛି । ମାନ୍ୟବର ସର୍ବୋଚ୍ଚ ଅଦାଲତଙ୍କ ଆଦେଶ କ୍ରମେ ଖଣି ଖାଦାନ ବନ୍ଦ ହେବା ସହ ଖଣିଜ ସଂପଦ ଉତ୍ତୋଳନ ଓ ଚାଲାଣ ହ୍ରାସ ପାଇଛି ଓ ଫଳରେ ନିଜ ରାଜସ୍ୱ ଆଦାୟ ହ୍ରାସ ପାଇଛି । ରାଜ୍ୟ ଯୋଜନା ପାଇଁ କେନ୍ଦ୍ରୀୟ ସହାୟତା ମଧ୍ୟ କମିଯାଇଛି । କେନ୍ଦ୍ରୀୟ ଟିକସ କମିବା ଯୋଗୁଁ କେନ୍ଦ୍ରୀୟ ଟିକସର ରାଜ୍ୟ ଅଂଶ ହ୍ରାସ ପାଇଛି । ଏହିସବୁ କାରଣ ଯୋଗୁଁ ଚଳିତ ଆର୍ଥିକ ବର୍ଷରେ ରାଜ୍ୟର ରାଜସ୍ୱ ହ୍ରାସ ପାଇଛି । କେନ୍ଦ୍ରୀୟ ବିକ୍ରିକର ଟିକସ ସମ୍ବନ୍ଧିୟ କ୍ଷତିପୂରଣ ମିଳିବାରେ ମଧ୍ୟ ବିଳମ୍ବ ହେଉଛି ।

**3.5** ଅନ୍ୟପକ୍ଷରେ 2014-15 ଆର୍ଥିକ ବର୍ଷରେ ସାଧାରଣ ନିର୍ବାଚନ ଯୋଗୁଁ ଆଦର୍ଶ ଆଚରଣ ବିଧି ଲାଗୁ ହେବା ଦ୍ୱାରା ଓ 2014-15 ଆର୍ଥିକ ବର୍ଷ ଜୁଲାଇ ମାସରେ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ ଯୋଗୁଁ ସରକାରଙ୍କ ଖର୍ଚ୍ଚ ମଧ୍ୟ ପ୍ରଭାବିତ ହୋଇଛି । ଏଥିଯୋଗୁଁ ମୂଲ୍ୟବାନ କାର୍ଯ୍ୟକାରୀ ସମୟ ଚାଲି ଯାଇଛି । ଏ ସବୁ କାରଣ ସତ୍ତ୍ୱେ ଚଳିତ ଆର୍ଥିକ ବର୍ଷର ପ୍ରଥମ ତିନୋଟି ତ୍ରିମାସ ମଧ୍ୟରେ ରାଜ୍ୟ ଯୋଜନା ଖର୍ଚ୍ଚ **19381 କୋଟି 22 ଲକ୍ଷ ଟଙ୍କା** ଥିବା ବେଳେ ବିଗତ ବର୍ଷର ଏହି ସମୟ ମଧ୍ୟରେ

ରାଜ୍ୟ ଯୋଜନା ଖର୍ଚ୍ଚ **10935 କୋଟି 13 ଲକ୍ଷ ଟଙ୍କା** ଥିଲା । ରାଜ୍ୟ ଯୋଜନା ଖର୍ଚ୍ଚର ଏହି ଅଭିବୃଦ୍ଧି ହାର ପ୍ରାୟ 77 ପ୍ରତିଶତ ଅଟେ । ଏହି ପରିପ୍ରେକ୍ଷିରେ ମୁଁ ଗୃହକୁ ଜଣାଇଦେବାକୁ ଚାହେଁ ଯେ ଆମର ଦୃଢ ଆର୍ଥିକ ସ୍ଥିତି ଆମକୁ ବର୍ତ୍ତମାନ ଋଣଭାର ଠାରୁ ଅଧିକ ଋଣଭାର ବହନକରିବାକୁ ସକ୍ଷମ କରିଛି । ଆମେ ମଧ୍ୟ ଋଣ କଲାବେଳେ କେଉଁ ସୂତ୍ରରୁ ଓ କେଉଁଭଳି ଭାବେ ଋଣ କରିବୁ ସେ ସମ୍ବନ୍ଧରେ ବୁଝିବିଚାରି ପଦକ୍ଷେପ ନେଉଛୁ । ପୁଣି ମୁଁ ସୂଚାଇ ଦେବାକୁ ଚାହେଁ ଯେ ଏହି ଋଣ ରାଶି କେବଳ ପୁଞ୍ଜି ବ୍ୟୟ ପାଇଁ ବିନିଯୋଗ ହେବ ।

**3.6** ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପ ନିର୍ମାଣ ପାଇଁ ଆମ ପୁଞ୍ଜି ଖର୍ଚ୍ଚକୁ 2014-15 ଆର୍ଥିକ ବର୍ଷରେ ପ୍ରାୟ 76 ପ୍ରତିଶତ ବୃଦ୍ଧି କରିବାକୁ ଆକଳନ ହୋଇଛି । ଏହି ପୁଞ୍ଜି ଖର୍ଚ୍ଚ ରାଜସ୍ୱ ହିସାବରେ କିଛି ବଳକା ଏବଂ ଋଣ ଦ୍ୱାରା ତୁଲାଇବାକୁ ହେବ । ଆମେ ବିଗତ ବର୍ଷମାନଙ୍କରେ ଖୋଲାବଜାରରୁ ଋଣ ଆଣିନଥିଲୁ । ଏହି ବର୍ଷ ମାନଙ୍କରେ ପୁଞ୍ଜି ବ୍ୟୟ ଅତିରିକ୍ତ ରାଜସ୍ୱ ପ୍ରାପ୍ତି ଓ ନଗଦ ଜମାରୁ ଭରଣା ହୋଇପାରିଥିଲା । ଚଳିତ ବର୍ଷ କେନ୍ଦ୍ରୀୟ ସହାୟତା ଓ ନିଜ ରାଜସ୍ୱ ହ୍ରାସ ଯୋଗୁଁ ଏବଂ ନଗତ ଜମା ହ୍ରାସ ପାଇବାରୁ ପୁଞ୍ଜି ଖର୍ଚ୍ଚ ପାଇଁ ଖୋଲା ବଜାରରୁ ଋଣ କରିବା ଛଡ଼ା ବିକଳ୍ପ ବ୍ୟବସ୍ଥା ନାହିଁ । ତେଣୁ ଏ ବର୍ଷରେ ଅଧିକ ପୁଞ୍ଜି ଖର୍ଚ୍ଚ ପାଇଁ ରାଜ୍ୟ ସରକାରଙ୍କୁ ଖୋଲାବଜାରରୁ ଋଣ ଆଣିବାକୁ ପଡିବ ।

**3.7** 2014-15 ସଂଶୋଧିତ ଅଟକଳ ଅନୁସାରେ ଆମର ରାଜସ୍ୱ ବଳକା ସାମଗ୍ରୀକ ଘରୋଇ ଉତ୍ପାଦର 1.09 ପ୍ରତିଶତ ଅଟେ ଏବଂ ଆର୍ଥିକ ନିଅଣ୍ଟକୁ ସାମଗ୍ରିକ ଘରୋଇ ଉତ୍ପାଦର 2.94 ପ୍ରତିଶତରେ ସିମୀତ ରହିବ । ଟିକସ ଓ ସାମଗ୍ରିକ ଘରୋଇ ଉତ୍ପାଦର ଅନୁପାତ

6.20 ପ୍ରତିଶତ ଏବଂ ବର୍ଷ ଶେଷରେ ସରକାରୀ ଋଣ ଓ ସାମଗ୍ରୀକ ଘରୋଇ ଉତ୍ପାଦର ଗ୍ରହଣ ଯୋଗ୍ୟ ଅନୁପାତ 29.5 ପ୍ରତିଶତ ତୁଳନାରେ ରାଜ୍ୟର ସରକାରୀ ଋଣ ଓ ସାମଗ୍ରୀକ ଘରୋଇ ଉତ୍ପାଦର ଅନୁପାତ 15.04 ପ୍ରତିଶତ ହେବ ।

## 4. 2015-16 ଆର୍ଥିକ ବର୍ଷର ବଜେଟ୍ ଅଟକଳ

**4.1** 2015-16 ଆର୍ଥିକ ବର୍ଷ ହେଉଛି ଚତୁର୍ଦ୍ଦଶ ଅର୍ଥ କମିଶନଙ୍କ ସମୟର ପ୍ରଥମ ବର୍ଷ । ସମ୍ଭବତଃ ଭାରତ ସରକାର ସଂସଦରେ ଚତୁର୍ଦ୍ଦଶ ଅର୍ଥ କମିଶନଙ୍କ ସୁପାରିଶ ଉପରେ କାର୍ଯ୍ୟଗ୍ରହଣ ରିପୋର୍ଟ ବଜେଟ୍ ଅଧିବେଶନରେ ଉପସ୍ଥାପନ କରିବେ । ଏ ସମ୍ବନ୍ଧରେ ସବିଶେଷ ତଥ୍ୟ ଏବଂ ରାଜ୍ୟ ଅର୍ଥନୀତି ଉପରେ ଏହାର ପ୍ରଭାବ କଣ ହେବ ତାହା ଏପର୍ଯ୍ୟନ୍ତ ଜଣାପଡିନାହିଁ । ସମାନ ପରିସ୍ଥିତିରେ 2005-06 ଆର୍ଥିକ ବର୍ଷରେ ସମ୍ପୂର୍ଣ୍ଣ ବଜେଟ୍ ଓ 2010-11 ଆର୍ଥିକ ବର୍ଷରେ ଲେଖାନୁଦାନ ଉପସ୍ଥାପନ କରିଥିଲୁ ।

ଭାରତ ସରକାର ଇତି ମଧ୍ୟରେ ଯୋଜନା କମିଶନଙ୍କୁ ଉଚ୍ଛେଦ କରି National Institution for Transforming India Aayog (NITI Aayog) ସ୍ଥାପନ କରିଛନ୍ତି । ଏହି ଅନୁଷ୍ଠାନର ଭୂମିକା କଣ ହେବ ତାହା ସ୍ପଷ୍ଟ ହୋଇନାହିଁ । ଏହି ପରିପ୍ରେକ୍ଷୀରେ 2015-16 ଆର୍ଥିକ ବର୍ଷରେ ଭାରତ ସରକାରଙ୍କ ଠାରୁ ରାଜ୍ୟ ଯୋଜନାରେ କେତେ ଅର୍ଥ ମିଳିବ ତାହାର କୌଣସି ସୂଚନା ଅଦ୍ୟାବଧି ମିଳିନାହିଁ । ଏ ସମ୍ପର୍କରେ ନିର୍ଦ୍ଦିଷ୍ଟ ସୂଚନା ମିଳିବା ପରେ ଅତିରିକ୍ତ ବଜେଟରେ ଆବଶ୍ୟକୀୟ ବ୍ୟବସ୍ଥା କରାଯିବ ।

4.2 ଆମପାଇଁ 2015-16 ଆର୍ଥିକ ବର୍ଷ ଏକ ସ୍ୱତନ୍ତ୍ର ବର୍ଷ ଅଟେ । ଉଣେଇଶି ବର୍ଷ ବ୍ୟବଧାନରେ "ନବକଳେବର 2015" ମାର୍ଚ୍ଚ ଠାରୁ ଜୁଲାଇ ମାସ ମଧ୍ୟରେ ଅନୁଷ୍ଠିତ ହେବ । ମହାପ୍ରଭୁ ଶ୍ରୀଜଗନ୍ନାଥ ଓଡିଶାର ସାଂସ୍କୃତିକ ଜଗତର କେନ୍ଦ୍ରବିନ୍ଦୁ । ନବକଳେବର ପ୍ରତିକାତ୍ମକ ଭାବରେ ଓଡ଼ିଶା ଓ ତାର ଜନସାଧାରଙ୍କ ଚିରନ୍ତନ ଚେତନାର ପୁନରୁତ୍‌ଥାନ ଓ ପୁର୍ନଜାଗରଣକୁ ସୂଚାଇ ଥାଏ । ଏହି ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିବା ପାଇଁ ସମଗ୍ର ସରକାରୀ କଳ ସମ୍ପୂର୍ଣ୍ଣ ନିୟୋଜିତ ହେବେ । ଏହି ପରିପ୍ରେକ୍ଷୀରେ ଆମେ ଏବେ ବଜେଟ୍ ଆଗତ କରିବାକୁ ଯାଉଛୁ ।

4.3 ବଜେଟ୍ ପ୍ରସ୍ତୁତି ବେଳେ ପରିସମ୍ପତି, ସାମାଜିକ ଓ ମାନବ ପୁଞ୍ଜି ସୃଷ୍ଟି ଉପରେ ଗୁରୁତ୍ୱ ଆରୋପ କରାଯାଇଛି । ପ୍ରାକ୍ ବଜେଟ୍ ପରାମର୍ଶ ପକ୍ରିୟାରେ ଆମେ ଜନସାଧାରଣଙ୍କ ଠାରୁ ବହୁ ଉପାଦେୟ ଉପଦେଶ ଯଥା ବକେୟା ରାଜସ୍ୱ ଆଦାୟ, ପୁଞ୍ଜି ଖର୍ଚ୍ଚ ବୃଦ୍ଧି, ଉନ୍ନତମାନର ବିଦ୍ୟୁତ ଯୋଗାଣ ପାଇଁ ଆବଶ୍ୟକୀୟ ବ୍ୟୟବରାଦ, ଅମଳ ପରବର୍ତ୍ତୀ ସମୟରେ ଶସ୍ୟକୁ ସଂରକ୍ଷଣ କରିବା ପାଇଁ ପଣ୍ୟାଗାର ଓ ଶୀତଳ ଭଣ୍ଡାର ପ୍ରତିଷ୍ଠା ଉପରେ ପାଇଛୁ । ଉପଲବ୍‌ଧ ସମ୍ବଳ ଓ ବିତ୍ତୀୟ ଉତ୍ତରଦାୟୀ ଓ ବଜେଟ୍ ପରିଚାଳନା ଆଇନ 2005 ଅନୁସାରେ ମଧ୍ୟ ଆର୍ଥିକ ଲକ୍ଷ୍ୟ ହାସଲକୁ ଦୃଷ୍ଟିରେ ରଖି, ଏ ସବୁ ଉପଦେଶକୁ ଯଥା ସମ୍ଭବ ପାଳନ କରିବାକୁ ପ୍ରଚେଷ୍ଟା କରିଛୁ ।

4.4 2015-16 ଆର୍ଥିକ ବର୍ଷରେ ରାଜ୍ୟର ନିଜ ରାଜସ୍ୱ ପ୍ରାପ୍ତି ଚଳିତ ଆର୍ଥିକ ବର୍ଷର ପ୍ରଥମ ତିନୋଟି ତ୍ରୈମାସିକ ରାଜସ୍ୱ ସଂଗ୍ରହ ଧାରାକୁ ଆଖି ଆଗରେ ରଖି ପ୍ରସ୍ତୁତ କରାଯାଇଛି । ଚତୁର୍ଦ୍ଦଶ ଅର୍ଥ କମିଶନଙ୍କ ସୁପାରିଶ ଆମର ହସ୍ତଗତ ହୋଇନଥିବାରୁ କେନ୍ଦ୍ରୀୟ ଟିକସର ଅଂଶ

ଅର୍ଥ ଚଳିତ ଆର୍ଥିକ ବର୍ଷର ଆନୁମାନିକ ପ୍ରାପ୍ତିକୁ ଆଖିଆଗରେ ରଖି ପ୍ରସ୍ତୁତ କରାଯାଇଛି । ସେହିପରି ପୂର୍ବ ସୂଚନା ନମିଳିବା ସତ୍ତ୍ୱେ ରାଜ୍ୟ ଯୋଜନା ନିମନ୍ତେ 2015-16 ଆର୍ଥିକ ବର୍ଷ ପାଇଁ କେନ୍ଦ୍ରୀୟ ସହାୟତା ଚଳିତ ଆର୍ଥିକ ବର୍ଷର ଆନୁମାନିକ ପ୍ରାପ୍ତି ଉପରେ ସାମାନ୍ୟ ଅଭିବୃଦ୍ଧି କରି ଅଟକଳ ହୋଇଛି ।

4.5 ସୁତରାଂ କେନ୍ଦ୍ରୀୟ ଟିକସ ବାବଦରେ ରାଜ୍ୟର ଅଂଶ ରାଜ୍ୟର ନିଜ ଟିକସ ଓ ଅଣଟିକସ ରାଜସ୍ୱ ଏବଂ କେନ୍ଦ୍ରୀୟ ଅନୁଦାନକୁ ହିସାବକୁ ନେଇ 2015-16 ଆର୍ଥିକ ବର୍ଷ ପାଇଁ ରାଜ୍ୟର ମୋଟ ରାଜସ୍ୱ **70940 କୋଟି 50 ଲକ୍ଷ ଟଙ୍କା** ହେବ ବୋଲି ଆକଳନ କରାଯାଇଛି । 2014-15 ସଂଶୋଧିତ ଅଟକଳ ଅନୁସାରେ ଟିକସ ଓ ଘରୋଇ ଉତ୍ପାଦର ଅନୁପାତ **6.20** ପ୍ରତିଶତ ଥିବା ବେଳେ 2015-16 ଆର୍ଥିକ ବର୍ଷରେ ଏହା **6.11** ପ୍ରିତଶତ ହେବ ବୋଲି ଆକଳନ କରାଯାଇଛି ।

4.6 ଦରମା, ପେନ୍‌ସନ୍‌, ସୁଧଦେୟ ଓ ପୁଞ୍ଜି ସମ୍ପତ୍ତି ରକ୍ଷଣାବେକ୍ଷଣ ପାଇଁ ଖର୍ଚ୍ଚ ଯଥାକ୍ରମେ **16778 କୋଟି 40 ଲକ୍ଷ ଟଙ୍କା**, **8593 କୋଟି 20 ଲକ୍ଷ ଟଙ୍କା**, **4350 କୋଟି ଟଙ୍କା** ଏବଂ **4877 କୋଟି 35 ଲକ୍ଷ ଟଙ୍କା**କୁ ହିସାବକୁ ନେଇ 2015-16 ଆର୍ଥିକ ବର୍ଷ ପାଇଁ ମୋଟ ଅଣଯୋଜନା ବ୍ୟୟବରାଦ **43956 କୋଟି 32 ଲକ୍ଷ ଟଙ୍କା** ହେବ ବୋଲି ଅଟକଳ କରାଯାଇଛି ।

4.7 ଚତୁର୍ଥ ରାଜ୍ୟ ଅର୍ଥ କମିଶନଙ୍କ ରିପୋର୍ଟ ଓ ତାଙ୍କ ସୁପାରିଶ ଉପରେ ପ୍ରସ୍ତୁତ (Action Taken Report) ଓ ତତ୍‌ସମ୍ବନ୍ଧିୟ ବାଖ୍ୟାତ୍ମକ ଜ୍ଞାପକ ଏହି ପବିତ୍ର ଗୃହରେ ଉପସ୍ଥାପନ କରୁଛି । ଆମ ସରକାର ପଞ୍ଚାୟତିରାଜ ଅନୁଷ୍ଠାନ ଓ ନଗରାଞ୍ଚଳ ନିକାୟ ସଂସ୍ଥା ଗୁଡ଼ିକୁ

ପର୍ଯ୍ୟାପ୍ତ ସମ୍ବଳ ହସ୍ତାନ୍ତର କରି ଗଣତାନ୍ତ୍ରିକ ବିକେନ୍ଦ୍ରୀକରଣ ବ୍ୟବସ୍ଥାକୁ ମଜବୁତ୍ କରି ସେମାନଙ୍କର ଆର୍ଥିକ ସଶକ୍ତିକରଣ ପାଇଁ ଅଙ୍ଗୀକାରବଦ୍ଧ । ଏହି କମିଶନଙ୍କ ଅଧିକାଂଶ ସୁପାରିଶ ଆମେ ଗ୍ରହଣ କରିଛୁ ଏବଂ 2015-20 ଅବଧି ମଧ୍ୟରେ **12792 କୋଟି 77 ଲକ୍ଷ ଟଙ୍କା** ହସ୍ତାନ୍ତର କରାଯିବ । ଏହା ଚର୍ତୁଦଶ ଅର୍ଥ କମିଶନଙ୍କ ସୁପାରିଶ କରିବାକୁ ଥିବା ଅନୁଦାନକୁ ପ୍ରଭାବିତ କରିବ ନାହିଁ । ତଦନୁଯାୟୀ 2015-16 ଆର୍ଥିକ ବର୍ଷରେ ପଞ୍ଚାୟତିରାଜ ଅନୁଷ୍ଠାନମାନଙ୍କୁ **1222 କୋଟି 13 ଲକ୍ଷ** ଓ ନଗରାଞ୍ଚଳ ନିକାୟ ସଂସ୍ଥାମାନଙ୍କୁ **864 କୋଟି 21 ଲକ୍ଷ ଟଙ୍କା** ହିସାବରେ ମୋଟ **2086 କୋଟି 34 ଲକ୍ଷ ଟଙ୍କା** ପ୍ରଦାନ କରିବୁ ।

**4.8** 2015-16 ଆର୍ଥିକ ବର୍ଷରେ ରାଜ୍ୟ ଯୋଜନା ଅଟକଳ 44150 କୋଟି ଟଙ୍କାରେ ସ୍ଥିରୀକୃତ ହୋଇଛି । ତନ୍ମଧ୍ୟରୁ 40150 କୋଟି ଟଙ୍କା ସରକାରୀ କ୍ଷେତ୍ର ଏବଂ 4000 କୋଟି ଟଙ୍କା ସାଧାରଣ ଉଦ୍ୟୋଗ ପାଇଁ ଉଦ୍ଦିଷ୍ଟ ।

**4.9 କେନ୍ଦ୍ର ଯୋଜନା ଓ କେନ୍ଦ୍ର ପ୍ରବର୍ତ୍ତୀତ ଯୋଜନା** ପାଇଁ ବ୍ୟୟ ଅଟକଳ ଯଥାକ୍ରମେ **349 କୋଟି 55 ଲକ୍ଷ ଟଙ୍କା** ଏବଂ **31 କୋଟି 91 ଲକ୍ଷ ଟଙ୍କା** ଅଟେ ।

**4.10 ଋଣ ପରିଶୋଧ** ମିଶାଇ 2015-16 ବଜେଟ୍ ଅଟକଳ ଅନୁସାରେ ମୋଟ ବ୍ୟୟ ପରିମାଣ **84487 କୋଟି 77 ଲକ୍ଷ ଟଙ୍କା** ଅଟେ ।

**4.11** 2015-16 ପାଇଁ ଆକଳିତ ବ୍ୟୟବରାଦକୁ ରାଜସ୍ୱ ପ୍ରାପ୍ତିରୁ 70940 କୋଟି 50 ଲକ୍ଷ ଟଙ୍କା ସରକାରୀ ଋଣ ଓ ଅଗ୍ରୀମ ପରିଶୋଧରୁ

240 କୋଟି 29 ଲକ୍ଷ ଟଙ୍କା ଏବଂ ଋଣ ସମେତ ଅନ୍ୟାନ୍ୟ ପ୍ରାପ୍ତିରୁ ମିଳିବାକୁ ଥିବା **13306 କୋଟି 99 ଲକ୍ଷ ଟଙ୍କାରୁ** ଭରଣା କରାଯିବ ।

**4.12** ଆମେ 2015-16 ଆର୍ଥିକ ବର୍ଷରେ ରାଜସ୍ୱ ବଳକା **5101 କୋଟି 51 ଲକ୍ଷ ଟଙ୍କା** ହେବ ବୋଲି ଆକଳିତ କରିଛୁ । ଏହା ସାମଗ୍ରୀକ ଘରୋଇ ଉତ୍ପାଦର 1.47 ପ୍ରତିଶତ ଅଟେ । ସେହିପରି ଆର୍ଥିକ ନିଅଣ୍ଟ **10400 କୋଟି 28 ଲକ୍ଷ ଟଙ୍କା** ହେବ ବୋଲି ଆକଳନ କରାଯାଇଛି, ଏହା ମୋଟ ଘରୋଇ ଉତ୍ପାଦର 2.99 ପ୍ରତିଶତ ଅଟେ । ଏହି ଆର୍ଥିକ ନିଅଣ୍ଟକୁ ନିଟ୍ ଋଣ **9893 କୋଟି 68 ଲକ୍ଷ ଟଙ୍କା** ଏବଂ ସାଧାରଣ ହିସାବରୁ ନିଟ୍ ବଳକା **506 କୋଟି 61 ଲକ୍ଷ ଟଙ୍କାରୁ** ଭରଣା କରାଯିବ ।

**4.13** ବଜେଟ୍ ଅଟକଳର କେତେକ ଗୁଣାତ୍ମକ ଦିଗପ୍ରତି ଆଲୋକପାତ କରୁଛି । ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ନିମନ୍ତେ ଭିତ୍ତିଭୂମି କ୍ଷେତ୍ରରେ ପୁଞ୍ଜି ନିବେଶର ମୁଖ୍ୟ ଆବଶ୍ୟକତା ଅଛି । ଏହାକୁ ଆଖିଆଗରେ ରଖି 2015-16 ବଜେଟ୍ ଅଟକଳରେ ପୁଞ୍ଜିନିବେଶ ଘରୋଇ ଉତ୍ପାଦର 3 ପ୍ରତିଶତ ସୀମାକୁ ଆମେ ବହୁ ବର୍ଷ ପରେ ଅତିକ୍ରମ କରିପାରୁ । 2015-16 ବଜେଟ୍ ଅଟକଳ ଅନୁସାରେ ଏହି ଅନୁପାତ 4.35 ପ୍ରତିଶତ ଅଟେ । ଏତଦ୍‌ବ୍ୟତୀତ ପ୍ରଦାନ କରାଯାଉଥିବା ସରକାରୀ ଋଣ ଓ ଅଗ୍ରୀମ, ପୁଞ୍ଜି ସମ୍ପତ୍ତି ସୃଷ୍ଟି ପାଇଁ ଅନୁଦାନ ଏବଂ ପୁଞ୍ଜି ସୃଷ୍ଟି ପାଇଁ ଅନ୍ୟ ଖର୍ଚ୍ଚକୁ ମିଶାଇ ଏହି ବ୍ୟୟ ଅଟକଳ **9736 କୋଟି 70 ଲକ୍ଷ ଟଙ୍କା** ହେବ; ଯାହା ମୋଟ ଘରୋଇ ଉତ୍ପାଦର 2.80 ପ୍ରତିଶତ ଅଟେ । ପୁଞ୍ଜି ସମ୍ପତ୍ତିର ରକ୍ଷଣାବେକ୍ଷଣ ଓ ପରିଚାଳନା ପାଇଁ ବ୍ୟୟବରାଦ ମଧ୍ୟ **4877 କୋଟି 35 ଲକ୍ଷ ଟଙ୍କାକୁ** ବୃଦ୍ଧି ପାଇଛି ।

**4.14** ଯୋଜନା କ୍ଷେତ୍ରରେ ଅଧିକ ପୁଞ୍ଜି ବିନିଯୋଗ ଯୋଗୁଁ ଯୋଜନା ଅଟକଳ ବିଗତ କିଛି ବର୍ଷଧରି ବୃଦ୍ଧି ପାଇବାରେ ଲାଗିଛି । ଏହାଦ୍ୱାରା ଆମର ଖର୍ଚ୍ଚର ଢାଞ୍ଚା ବଦଳି ଯାଇଛି । ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହେଉଛି ଯେ ସାମାଜିକ ଓ ଆର୍ଥିକ କ୍ଷେତ୍ରକୁ ନେଇ ଉନ୍ନୟନ ଖର୍ଚ୍ଚର ଅଂଶ ବୃଦ୍ଧି ପାଇବାରେ ଲାଗିଛି । ଉନ୍ନୟନ ଖର୍ଚ୍ଚର ପରିମାଣ 2006-07 ଆର୍ଥିକ ବର୍ଷରେ 55.36 ପ୍ରତିଶତ ଥିବା ବେଳେ 2015-16 ଆର୍ଥିକ ବର୍ଷରେ ଏହା 75.33 ପ୍ରତିଶତକୁ ବୃଦ୍ଧି ପାଇଛି ।

ବର୍ତ୍ତମାନ ମୁଁ କିଛି ପ୍ରମୁଖ କ୍ଷେତ୍ରରେ ହୋଇଥିବା ବ୍ୟୟବରାଦ ସମ୍ପର୍କରେ ସୂଚନା ଦେବାକୁ ଯାଉଛି ।

5. **ସାମାଜିକ କ୍ଷେତ୍ର**: -

ଆର୍ଥିକ ବିକାଶ ବ୍ୟତିରେକେ, ଉତ୍ତମ ଶାସନରୀତି, ସମାଜିକ ବିକାଶ ଦ୍ୱାରା ଗୁଣାତ୍ମକ ଶିକ୍ଷା, ସୁଲଭ ସ୍ୱାସ୍ଥ୍ୟ ସେବା ଓ ସାମାଜିକ ନିରାପତ୍ତା ପ୍ରଦନ କରି ଦାରିଦ୍ର୍ୟ ଓ ଅଶିକ୍ଷାକୁ ଦୂର କରିଥାଏ । ସାମାଜିକ କ୍ଷେତ୍ରରେ ବ୍ୟୟବରାଦର ପରିମାଣ ମାନବ ସମ୍ବଳର ସୃଷ୍ଟି ଓ ଜନସାଧାରଣ ବିଶେଷକରି ସାମାଜିକ ଦୃଷ୍ଟିର ଅନୁନ୍ନତ ବର୍ଗର ଜୀବନଧାରଣର ମାନବୃଦ୍ଧିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ଏହାକୁ ଦୃଷ୍ଟିରେ ରଖି, ସାମାଜିକ କ୍ଷେତ୍ରରେ ବ୍ୟୟବରାଦକୁ **29,092 କୋଟି 19 ଲକ୍ଷ ଟଙ୍କାକୁ** ବୃଦ୍ଧି କରାଯାଇଚି । ଏହା 2014-15 ର ସଂଶୋଧିତ ଅଟକଳ ଠାରୁ ୫ ପ୍ରତିଶତ ଅଧିକ ଅଟେ ।

## 5.1 ସ୍ୱାସ୍ଥ୍ୟ ଓ ପରିବାରକଲ୍ୟାଣ ବିଭାଗ

ଆମେ ଆମ ରାଜ୍ୟର ଜନସାଧାରଣଙ୍କୁ ସୁଗମ ଓ ସୁଲଭ ସ୍ୱାସ୍ଥ୍ୟସେବା ଯୋଗାଇବାକୁ ସୁଲଭ ସ୍ୱାସ୍ଥ୍ୟ ଭିତ୍ତିଭୂମି, ଆତ୍ୟାଧୁନିକ ଚିକିତ୍ସା ଓ ରୋଗ ନିରୂପଣ ଉପକରଣ, ଆପଦକାଳୀନ ସ୍ୱାସ୍ଥ୍ୟ ସେବା, ମାତୃ ଓ ଶିଶୁ ମୃତ୍ୟୁହାର ହ୍ରାସ ପାଇଁ ବିଶେଷ ଯୋଜନା, bio-medical ବର୍ଜ୍ୟବସ୍ତୁ ପରିଚାଳନା, ସରକାରୀ ଚିକିତ୍ସାଳୟରେ ମାଗଣାରେ ଉନ୍ନତମାନର ଖାଦ୍ୟ, ଔଷଧ ଯୋଗାଣ ଉପରେ ଗୁରୁତ୍ୱ ଦେଇଆସୁଛୁ । ଜଟିଳ ରୋଗରେ ପୀଡିତ ଦରିଦ୍ର ରୋଗୀ ମାନଙ୍କର ଚିକିତ୍ସା ପାଇଁ ରାଜ୍ୟ ଚିକିତ୍ସାପାଣ୍ଠିରୁ ସହାୟତା ଦେବା ପାଇଁ ପ୍ରତିଶ୍ରୁତିବଦ୍ଧ ।

ସ୍ୱାସ୍ଥ୍ୟ ଓ ପରିବାରକଲ୍ୟାଣ ବିଭାଗର ବ୍ୟୟବରାଦ ବିଗତ ବର୍ଷ ମଧ୍ୟରେ ଯଥେଷ୍ଟ ପରିମାଣରେ ବୃଦ୍ଧି ପାଇଛି । ଯୋଜନା ଓ ଅଣଯୋଜନା କ୍ଷେତ୍ରରେ 2015-16 ଆର୍ଥିକ ବର୍ଷରେ **3855 କୋଟି 88 ଲକ୍ଷ ଟଙ୍କାର** ବ୍ୟୟବରାଦ କରାଯାଇଛି ।

- **ସାର୍ବଜନୀନ ମାଗଣା ଔଷଧ ବଣ୍ଟନ** : - ଓଡିଶା ରାଜ୍ୟ ସ୍ୱାସ୍ଥ୍ୟ ସେବା ନିଗମ ଦ୍ୱାରା (OSMC) ଦ୍ୱାରା ବିଭିନ୍ନ ସରକାରୀ ଚିକିତ୍ସାଳୟରେ ମାଗଣାରେ ଔଷଧ ବଣ୍ଟନ କରିବା ପାଇଁ **202 କୋଟି 56 ଲକ୍ଷ ଟଙ୍କା** ପ୍ରଦାନ କରାଯାଇଛି ।
- **ଓଡିଶା ଜରୁରୀକାଳୀନ ଆମ୍ବୁଲାନ୍ସ ସେବା** (108): - ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ପାଇଁ **32 କୋଟି ଟଙ୍କାର** ବ୍ୟୟବରାଦ କରିଛୁ ।
- **ଓଡିଶା ରାଜ୍ୟ ଚିକିତ୍ସା ପାଣ୍ଠି** (OSTF): - ଏହି ପାଣ୍ଠିରୁ ଜୀବନହାନିକାରକ ରୋଗାଗ୍ରସ୍ତ ଗରିବ ଲୋକମାନଙ୍କୁ ଚିକିତ୍ସା

ସହାୟତା ପାଇଁ **3 ଲକ୍ଷ ଟଙ୍କା** ପର୍ଯ୍ୟନ୍ତ ଆର୍ଥିକ ସହାୟତା ଦିଆଯାଉଛି । ଏଥିପାଇଁ **20 କୋଟି ଟଙ୍କାର** ବ୍ୟୟବରାଦ କରାଯାଇଛି ।

- **ଗୃହ ନିର୍ମାଣ ପାଇଁ ବ୍ୟୟବରାଦ** : - ସ୍ୱାସ୍ଥ୍ୟ ସେବା ପ୍ରଦାନ କ୍ଷେତ୍ରରେ ଭିତ୍ତିଭୂମିର ବିକାଶ ପାଇଁ **665 କୋଟି 61 ଲକ୍ଷ ଟଙ୍କାର** ବ୍ୟୟବରାଦ କରାହୋଇଛି ।
- **ଚିକିତ୍ସା ଉପକରଣ** : - ହାସପାତାଳ ମାନଙ୍କର ଚିକିତ୍ସା ଉପକରଣ କ୍ରୟ ପାଇଁ **87 କୋଟି ଟଙ୍କାର** ବ୍ୟୟବରାଦ କରାହୋଇଛି ।
- **ପାଞ୍ଚଟି ନୂତନ ସରକାରୀ ଭେଷଜ ମହାବିଦ୍ୟାଳୟର ପ୍ରତିଷ୍ଠା** : - ରାଜ୍ୟ ସରକାର ପାଞ୍ଚଟି ସ୍ଥାନରେ ଯଥା : ବଲାଙ୍ଗିର, କୋରାପୁଟ, ମୟୁରଭଞ୍ଜ, ବାଲେଶ୍ୱର ଓ ପୁରୀ ଠାରେ ନୂଆ ଭେଷଜ ମହାବିଦ୍ୟାଳୟ ଖୋଲିବା ପାଇଁ ଏ ବର୍ଷ କାର୍ଯ୍ୟ ଆରମ୍ଭ କରିବେ ।
- **ଶିଶୁ ଓ ମାତୃ ମୃତ୍ୟୁହାର ହ୍ରାସ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ** : - ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଶିଶୁ ଓ ମାତୃ ମୃତ୍ୟୁହାର ଅନୁପାତ ଗୁରୁତ୍ୱପୂର୍ଣ୍ଣ ସୂଚକାଙ୍କ ଅଟେ । ଏହାକୁ ହ୍ରାସ କରବା ପାଇଁ କରିବାପାଇଁ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସେବାର ଉନ୍ନତିକଳ୍ପେ **50 କୋଟି ଟଙ୍କା** ବ୍ୟୟବରାଦ କରାଯାଇଛି ।
- **ସଂକ୍ରାମକ ରୋଗ ନିମିତ୍ତ ଜରୁରୀକାଳୀନ ପାଣ୍ଠି** : - ସଂକ୍ରାମକ ରୋଗର ନିରାକରଣ ପାଇଁ ଜରୁରୀକାଳୀନ ପାଣ୍ଠି ଉଦ୍ଦେଶ୍ୟରେ 6.00 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ଏହାଛଡ଼ା ହାସପାତାଳ ଗୁଡ଼ିକରେ ଜୈବ ବର୍ଜ୍ୟବସ୍ତୁର ପରିଚାଳନା,

ସାଧାରଣ ସ୍ୱାସ୍ଥ୍ୟ ସଂକ୍ରାନ୍ତୀୟ ପରିକ୍ଷାଗାର, ଟେଲିମେଡିସିନ୍ କ୍ୟାନ୍ସର ନିରୂପଣ ଓ ରକ୍ତ ଭଣ୍ଡାର ପ୍ରତିଷ୍ଠା ପାଇଁ **33 କୋଟି 50 ଲକ୍ଷ ଟଙ୍କାର** ବ୍ୟୟବରାଦ ହୋଇଛି ।

- **ଜାତୀୟ ସ୍ୱାସ୍ଥ୍ୟ ମିଶନ** (NHM): - ଏହି କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ରାଜ୍ୟରେ ସ୍ୱାସ୍ଥ୍ୟ ସେବାର ଭିତ୍ତିଭୂମି ବିକାଶରେ ସହାୟକ ହୋଇଛି । ଏହାର ବିଭିନ୍ନ ଅଂଶ ପାଇଁ ଆମେ **1088 କୋଟି 32 ଲକ୍ଷ ଟଙ୍କା**ର ବ୍ୟୟବରାଦ କରିଛୁ, ଯେଉଁଥିରେ ରାଜ୍ୟ ଅଂଶ **287 କୋଟି 8 ଲକ୍ଷ ଟଙ୍କା** ଅଟେ ।

## 5.2 ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ -

ଶିକ୍ଷାରେ ପୁଞ୍ଜିନିବେଶ ଭବିଷ୍ୟତ ପାଇଁ ନିବେଶ । ଶିକ୍ଷା ଓ ଗଣଶିକ୍ଷା ବିଭାଗର ବ୍ୟୟବରାଦ 2014-15 ମସିହାରେ **9327 କୋଟି 12 ଲକ୍ଷ ଟଙ୍କା** ଥିବା ବେଳେ ଏହାକୁ 2015-16 ମସିହାରେ **9979 କୋଟି** 49 **ଲକ୍ଷ ଟଙ୍କା**କୁ ବୃଦ୍ଧି କରାଯାଇଛି । ଏହି ବିଭାଗରେ ରାଜ୍ୟର ମୋଟ ବ୍ୟୟ ବରାଦର 12 ପ୍ରତିଶତ କରାଯାଇଛି । ଯାହାକି ସବୁ ବିଭାଗର ବ୍ୟୟ ବରାଦ ତୁଳନାରେ ସର୍ବାଧୀକ ଅଟେ ।

- **ଦଶମଶ୍ରେଣୀ ଛାତ୍ର/ଛାତ୍ରୀଙ୍କ ନିମନ୍ତେ ମାଗଣା ବାଇସାଇକେଲ ପ୍ରଦାନ**- ମାଧ୍ୟମିକ ସ୍ତରରେ ଛାତ୍ର/ଛାତ୍ରୀମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ମାଗଣା ବାଇସାଇକେଲ ଯୋଗାଇ ଦେବା ପାଇଁ **125 କୋଟି ଟଙ୍କାର** ବ୍ୟବସ୍ଥା କରାଯାଇଛି ।
- **ଦ୍ୱିତୀୟ ସୈନିକ ସ୍କୁଲ** - ସମ୍ବଲପୁରଠାରେ ଦ୍ୱିତୀୟ ସୈନିକ ସ୍କୁଲର ପ୍ରତିଷ୍ଠା ପାଇଁ **25 କୋଟି ଟଙ୍କାର** ବ୍ୟୟ ବରାଦ କରିଛୁ ।

- ସର୍ବଶିକ୍ଷା ଅଭିଯାନ, ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନ, (RAMSA) ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଓ ଶିକ୍ଷା ଦୃଷ୍ଟିରୁ ଅନୁନ୍ନତ 173ଟି ବ୍ଲକମାନଙ୍କରେ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଯଥାକ୍ରମେ **1860 କୋଟି 38 ଲକ୍ଷ**, **94 କୋଟି 34 ଲକ୍ଷ**, **797 କୋଟି 32 ଲକ୍ଷ ଓ 188 କୋଟି 99 ଲକ୍ଷ ଟଙ୍କାର** ବ୍ୟବସ୍ଥା କରାଯାଇଛି ।
- ପୁନଶ୍ଚ ଆମେ ରାଜ୍ୟ ଯୋଜନାରୁ ଏକ ନୂତନ ଯୋଜନା 'ଓଡିଶା ଆଦର୍ଶ ବିଦ୍ୟାଳୟ ମାଧ୍ୟମରେ ଆଦର୍ଶ ବିଦ୍ୟାଳୟ' ଗୁଡିକର ପୌନପୌନିକ ଖର୍ଚ୍ଚ ବାବଦକୁ **30 କୋଟି ଟଙ୍କାର** ବ୍ୟୟବରାଦ ହୋଇଛି ।

## 5.3 **ଉଚ୍ଚଶିକ୍ଷା ବିଭାଗ** -

ଗୁଣାତ୍ମକ ଉଚ୍ଚ ଶିକ୍ଷା ଉଜ୍ଜ୍ୱଳ ଭବିଷ୍ୟତର ସଂକେତ । ଉଭୟ ଯୋଜନା ଓ ଅଣଯୋଜନା କ୍ଷେତ୍ରରେ 2015-16 ଆର୍ଥିକ ବର୍ଷ ପାଇଁ **1989 କୋଟି 11 ଲକ୍ଷ ଟଙ୍କାର** ବ୍ୟୟବରାଦ କରାଯାଇଛି ।

- ବିଶ୍ୱବିଦ୍ୟାଳୟ, ସରକାରୀ ମହାବିଦ୍ୟାଳୟ, ବେସରକାରୀ ସାହାଯ୍ୟପ୍ରାପ୍ତ ମହାବିଦ୍ୟାଳୟ ମାନଙ୍କର ଭିତ୍ତିଭୂମିର ବିକାଶ ପାଇଁ ଯଥାକ୍ରମେ **115 କୋଟି**, **70 କୋଟି ଏବଂ 25 କୋଟି ଟଙ୍କାର** ବ୍ୟୟ ବରାଦ ହୋଇଛି ।
- ଗୁଣାତ୍ମକ ଶିକ୍ଷାର ଆଧୁନିକୀକରଣ, +2 ପାସ କରିଥିବା ମେଧାବୀ ଛାତ୍ର/ଛାତ୍ରୀମାନଙ୍କୁ ଲାପଟପ୍ ଯୋଗାଣ ଓ ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷାର ପ୍ରଶିକ୍ଷଣ ଓ ବୃତ୍ତିଗତ ଶିକ୍ଷା ଜାରି

କରିବା ପାଇଁ ବୃତ୍ତିର ବ୍ୟବସ୍ଥା ପାଇଁ **100 କୋଟି 60 ଲକ୍ଷ ଟଙ୍କାର** ବ୍ୟୟ ବରାଦ ହୋଇଛି ।

- ଶିକ୍ଷାଋଣକୁ ସହଜଲବ୍ଧ କରିବା ପାଇଁ ସୁଧଛାଡ ବାବଦରେ **4 କୋଟି ଟଙ୍କାର** ବ୍ୟୟବରାଦ ହୋଇଛି ।
- ଉଚ୍ଚ ଶିକ୍ଷାର ଗୁଣାତ୍ମକମାନ ବୃଦ୍ଧି ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ ଯୋଜନା ଆରମ୍ଭ କରାଯାଇଛି । ଏଥିପାଇଁ ରାଜ୍ୟସରକାର **85 କୋଟି ଟଙ୍କାର** ବ୍ୟୟ ବରାଦ କରିଛନ୍ତି ।

## 5.4 ପଞ୍ଚାୟତି ରାଜ ବିଭାଗ

ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥାଗୁଡିକର ସଶକ୍ତିକରଣ କରିବାପାଇଁ ଆମେ ସାମ୍ବିଧାନିକ ଦୃଷ୍ଟିରୁ ଅଙ୍ଗୀକାରବଦ୍ଧ । ଗଣତାନ୍ତ୍ରିକ ଓ ଆର୍ଥିକ ବିକେନ୍ଦ୍ରୀକରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାପାଇଁ ଆମେ ସଦାଚେଷ୍ଟିତ । ଚର୍ତୁର୍ଥ ଅର୍ଥ କମିଶନଙ୍କ ସୁପାରିଶ କ୍ରମେ Devolution, Asignment from taxes ଓ Grant-in-aid କୁ ହିସାବକୁ ନେଇ ବଜେଟରେ ମୋଟ **7057 କୋଟି 10 ଲକ୍ଷ ଟଙ୍କା**ର ବ୍ୟବସ୍ଥା ରହିଛି ।

- ଚତୁର୍ଥ ରାଜ୍ୟ ଅର୍ଥ ଆୟୋଗଙ୍କ ଅନୁମୋଦନ କ୍ରମେ Action Taken Report ଅନୁସାରେ ଆମେ 2015-16 ଆର୍ଥିକ ବର୍ଷରେ **1222 କୋଟି 13 ଲକ୍ଷ ଟଙ୍କା** ହସ୍ତାନ୍ତର କରିବାକୁ ପ୍ରସ୍ତାବ ରଖିଛୁ ।
- ଗୋପବନ୍ଧୁ ଗ୍ରାମୀଣ ଯୋଜନା ଓ ସିମେଣ୍ଟ କଂକ୍ରିଟ ରାସ୍ତା ନିର୍ମାଣ ପାଇଁ ଯଥାକ୍ରମେ **225 କୋଟି ଟଙ୍କା** ଓ **196 କୋଟି 88 ଲକ୍ଷ ଟଙ୍କା**ର ବ୍ୟୟ ବରାଦ କରାଯାଇଛି ।

- ବାସଗୃହର ନିରାପତ୍ତା ସାମାଜିକ ଓ ଅର୍ଥନୈତିକ କାର୍ଯ୍ୟକ୍ରମର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଅଟେ । ଏହା ବିପର୍ଯ୍ୟୟ ପ୍ରଶମନ ସହ ବ୍ୟକ୍ତି ବିଶେଷଙ୍କୁ ନିରାପତ୍ତା ପ୍ରଦାନ କରିଥାଏ । 2019 ମସିହା ସୁଦ୍ଧା ପ୍ରର୍ଯ୍ୟାୟକ୍ରମେ ସମସ୍ତଙ୍କୁ ପକ୍କାଘର ଯୋଗାଇଦେବା ପାଇଁ ଆମେ ପ୍ରଚଳିତ ଯୋଜନା "ମୋ କୁଡିଆ" କୁ ପୁନର୍ବିନ୍ୟାସ କରି **"ବିଜୁ ପକ୍କାଘର"** ଯୋଜନାର ପ୍ରଚଳନ କରିଅଛୁ । ଏହି ଯୋଜନା ପାଇଁ 2014-15 ରେ **330 କୋଟି 10 ଲକ୍ଷ ଟଙ୍କା** ଥିବା ବେଳେ 2015-16 ଆର୍ଥିକ ବର୍ଷରେ ଏହା **700 କୋଟି ଟଙ୍କା**କୁ ବୃଦ୍ଧି କରାଯାଇଛି । ଏହି ବର୍ଦ୍ଧିତ ବ୍ୟୟ ବରାଦରେ **96,600** ବାସଗୃହ ଯୋଗାଇଦେବାର ବ୍ୟବସ୍ଥା ରହିଛି । ସେହିପରି ଇନ୍ଦିରା ଆୱାସ ଯୋଜନା ଅଧୀନରେ 1,୫8,200 ବାସଗୃହ ଯୋଗାଇବା ପାଇଁ 12୫6 କୋଟି 16 ଲକ୍ଷ ଟଙ୍କାର ବ୍ୟୟ ବରାଦ ପ୍ରସ୍ତାବ ଅଛି ।

- ମହାତ୍ମାଗାନ୍ଧୀ, ଜାତୀୟ ନିଶ୍ଚିତ ଗ୍ରାମ୍ୟ କର୍ମ ନିଯୁକ୍ତି ଯୋଜନା ପାଇଁ 5 କୋଟି ୫ ଲକ୍ଷ ଶ୍ରମ ଦିବସ ସୃଷ୍ଟି ପାଇଁ **1471 କୋଟି 76 ଲକ୍ଷ ଟଙ୍କା**ର ବ୍ୟୟ ବରାଦ କରାହୋଇଛି । ଏହା ବ୍ୟତୀତ ପଛୁଆ ଅଞ୍ଚଳ ଅନୁଦାନ ପାଣ୍ଠି ଏବଂ ରାଜୀବ ଗାନ୍ଧୀ ପଞ୍ଚାୟତି ସଶକ୍ତିକରଣ ଯୋଜନା ନିମନ୍ତେ ଯଥାକ୍ରମେ **436 କୋଟି 51 ଲକ୍ଷ ଟଙ୍କା** ଏବଂ **100 କୋଟି ଟଙ୍କା**ର ବ୍ୟୟ ବରାଦ କରାଯାଇଛି ।

- ଜାତୀୟ ଗ୍ରାମ୍ୟ ଜୀବିକା ମିଶନ (NRLM) ଅଧୀନରେ 2,୫9,970 ସ୍ୱୟଂ ସହାୟକ ଗୋଷ୍ଠୀକୁ ଜୀବିକା ସହାୟତା ନିମିତ୍ତ ଏବଂ ୫0,000 ଗ୍ରାମୀଣ ଯୁବକଙ୍କୁ କର୍ମ ଦକ୍ଷତାର ପ୍ରଶିକ୍ଷଣ ପାଇଁ **365 କୋଟି 66 ଲକ୍ଷ ଟଙ୍କା**ର ବ୍ୟୟ ବରାଦ କରାଯାଇଛି ।

### 5.5 ଅନୁସୂଚିତ ଜାତି ଓ ଜନଜାତି ବିଭାଗ: -

- ଅନୁସୂଚିତ ଜନ ଜାତି ଓ ଜାତି ଏବଂ ଅନ୍ୟାନ୍ୟ ପଛୁଆ ବର୍ଗ ଓ ସଂଖ୍ୟାଲଘୁ ବର୍ଗର ସାମାଜିକ ଓ ଆର୍ଥିକ ଉନ୍ନତି ନିମିତ୍ତ ରାଜ୍ୟ ଯୋଜନା ଓ ଅଣଯୋଜନାରେ **2372 କୋଟି 34 ଲକ୍ଷ ଟଙ୍କା** ବ୍ୟୟବରାଦ କରାଯାଇଛି ।

- ଭାରତୀୟ ସଂମ୍ବିଧାନର 275 (1) ଧାରା ଅନୁସାରେ ଅନୁସୂଚିତ ଜନଜାତି ଉପଯୋଜନା (TASP) ଅଞ୍ଚଳରେ ଭିତ୍ତିଭୂମି ଉନ୍ନୟନ ପାଇଁ **119 କୋଟି 6 ଲକ୍ଷ ଟଙ୍କା**ର ବ୍ୟୟବରାଦ କରାଯାଇଛି । ସେହିପରି ଅନୁସୂଚିତ ଜନଜାତି ଉପଯୋଜନା ଅଞ୍ଚଳରେ ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତା ମାଧ୍ୟମରେ **115 କୋଟି 41 ଲକ୍ଷ ଟଙ୍କା** ଓ କେ.ବି.କେ. ଜିଲ୍ଲାଗୁଡିକର ସ୍ୱତନ୍ତ୍ର ଯୋଜନା ପାଇଁ **60 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି ।

- ସମାଜର ଦୁର୍ବଳ ଶ୍ରେଣୀ ଜନସାଧାରଣଙ୍କର ଶିକ୍ଷାର ବିକାଶ ପାଇଁ ଅନୁସୂଚିତ ଜନଜାତି / ଜାତି ଛାତ୍ର ଛାତ୍ରୀଙ୍କ ମେଧାବୃତ୍ତି ନିମନ୍ତେ **709 କୋଟି 4 ଲକ୍ଷ ଟଙ୍କା** ଓ ଅନ୍ୟାନ୍ୟ ପଛୁଆ ବର୍ଗ / ସାମାଜିକ ଓ ଅର୍ଥ ନୈତିକ ଦୃଷ୍ଟିରୁ ପଛୁଆ ବର୍ଗର ଛାତ୍ର ଛାତ୍ରୀଙ୍କ ନିମିତ୍ତ **42 କୋଟି 98 ଲକ୍ଷ ଟଙ୍କା** ଓ ସଂଖ୍ୟାଲଘୁ ସମ୍ପ୍ରଦାୟର ଛାତ୍ର ଛାତ୍ରୀଙ୍କ ମେଧାବୃତ୍ତି ନିମିତ୍ତ **12 କୋଟି 27 ଲକ୍ଷ ଟଙ୍କା**ର ବ୍ୟବସ୍ଥା କରାଯାଇଛି । ଏହାବ୍ୟତିତ ଓଡିଶା ବାଳିକା ଆର୍ଥିକ ପ୍ରୋତ୍ସାହନ ଯୋଜନାରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି

ଛାତ୍ରୀଙ୍କ ମେଧାବୃତ୍ତି ନିମନ୍ତେ **42 କୋଟି ଟଙ୍କାର** ବ୍ୟୟବରାଦ କରାଯାଇଛି ।

- ରାଜ୍ୟ ଯୋଜନାରେ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର ଶିକ୍ଷାନୁଷ୍ଠାନର ଭିତ୍ତିଭୂମିର ଉନ୍ନୟନ ଓ କର୍ମଚାରୀଙ୍କ ବାସଗୃହ ନିର୍ମାଣ ପାଇଁ **100 କୋଟି ଟଙ୍କା** ବ୍ୟୟବରାଦ କରାଯାଇଛି ।
- ସେହିପରି ଅନୁସୂଚିତ ଜନଜାତି ଛାତ୍ରାବାସ ଓ ଛାତ୍ରୀ ନିବାସ ନିର୍ମାଣ ପାଇଁ ରାଜ୍ୟ ଯୋଜନାରେ **400 କୋଟି ଟଙ୍କାର** ବ୍ୟୟ ବରାଦ କରାଯାଇଛି ।
- ବିବିଧ କ୍ଷେତ୍ର ଉନ୍ନୟନ ପ୍ରକଳ୍ପ ଅଧୀନରେ ସଂଖ୍ୟାଲଘୁ ବର୍ଗର ଉନ୍ନତି ପାଇଁ **15 କୋଟି ଟଙ୍କାର** ବ୍ୟୟବରାଦ କରାଯାଇଛି ।

## 5.6 ମହିଳା ଓ ଶିଶୁକଲ୍ୟାଣ ବିଭାଗ: -

ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଆମର ସମାଜ ମଙ୍ଗଳ ପ୍ରଶାସନର ମୁଖ୍ୟ ଅଂଶ ଅଟେ । ଉଭୟ ଯୋଜନା ଓ ଅଣଯୋଜନା କ୍ଷେତ୍ରରେ **4160 କୋଟି 63 ଲକ୍ଷ ଟଙ୍କାର** ବ୍ୟୟବରାଦ କରାଯାଇଛି ।

- ବରିଷ୍ଠ ନାଗରିକ, ଭିନ୍ନକ୍ଷମ ଓ ବିଧବା ମାନଙ୍କ ସାମାଜିକ ନିରାପତ୍ତା ଉଦ୍ଦେଶ୍ୟରେ 2015-16 ଆର୍ଥିକ ବର୍ଷରେ ପେନ୍‌ସନ ପ୍ରଦାନ ପାଇଁ 1133 କୋଟି 79 ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି । ପୁନଶ୍ଚ ଏହି ପେନ୍‌ସନ ଭୋଗୀମାନଙ୍କ ଶୀତ ଓ ଗ୍ରୀଷ୍ମକାଳୀନ ଭତ୍ତା ପ୍ରଦାନ ବାବଦକୁ **120 କୋଟି ଟଙ୍କାର** ବ୍ୟୟବରାଦ କରାଯାଇଛି ।

- ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରର ମୁଖ୍ୟ ବ୍ୟକ୍ତିଙ୍କର ମୃତ୍ୟୁ ହେଲେ ସେହି ପରିବାରକୁ 10 ହଜାର ଟଙ୍କାର ଆର୍ଥିକ ସହାୟତା ଦେବାର ବ୍ୟବସ୍ଥା ରଖାଯାଇଛି । ଏଥିପାଇଁ ରାଜ୍ୟ ଯୋଜନାରେ **48 କୋଟି 38 ଲକ୍ଷ ଟଙ୍କାର** ବ୍ୟୟବରାଦ କରାଯାଇଛି ।
- ମମତା ଯୋଜନାରେ ଗର୍ଭବତୀ ମହିଳା ମାନଙ୍କୁ ଗର୍ଭାବସ୍ଥାରେ ଓ ପ୍ରସୂତୀ ପରେ ସେମାନେ ହରାଉଥିବା ମଜୁରୀର ଆଂଶିକ ଭରଣା କରିବାପାଇଁ ସର୍ତ୍ତମୂଳକ ଅର୍ଥରାଶୀ ହସ୍ତାନ୍ତର ବାବଦକୁ 2015-16 ଆର୍ଥିକ ବର୍ଷରେ **222 କୋଟି 63 ଲକ୍ଷ ଟଙ୍କାର** ବ୍ୟୟବରାଦ କରାଯାଇଛି ।
- ସମନ୍ୱିତ ଶିଶୁ ବିକାଶ ଯୋଜନା ପାଇଁ 843 କୋଟି 68 ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି । ଏହାବ୍ୟତୀତ୍ ଅଙ୍ଗନବାଡି କେନ୍ଦ୍ର ନିର୍ମାଣ ପାଇଁ **300 କୋଟି ଟଙ୍କାର** ବ୍ୟୟବରାଦ କରାଯାଇଛି ।

## 6. ଭିତ୍ତିଭୂମି ଉନ୍ନୟନ

ଭିତ୍ତିଭୂମି ଉନ୍ନୟନ ଦ୍ୱାରା ଅଭିବୃଦ୍ଧି ତ୍ୱରାନ୍ୱିତ ହେବାସହ ପୁଞ୍ଜି ସମ୍ପତ୍ତି ସୃଷ୍ଟି ପାଇଁ ସୁଯୋଗ ମିଳେ। 2014-15 ଆର୍ଥିକ ବର୍ଷରେ ଭିତ୍ତିଭୂମି ଉନ୍ନୟନ ପାଇଁ ବ୍ୟୟ ଅଟକଳ 12728 କୋଟି 53 ଲକ୍ଷ ଟଙ୍କା ଥିବାବେଳେ 2015-16 ଆର୍ଥିକ ବର୍ଷରେ ଏହା **14232 କୋଟି 58 ଲକ୍ଷ ଟଙ୍କାକୁ** ବୃଦ୍ଧି ପାଇଛି ।

## 6.1 ପୂର୍ତ୍ତ ବିଭାଗ

ପୂର୍ତ୍ତ ବିଭାଗରେ ବ୍ୟୟ ଅଟକଳ **4145 କୋଟି 12 ଲକ୍ଷ ଟଙ୍କା** ଅଟେ । ଏହି ବ୍ୟୟ ଅଟକଳ ମଧ୍ୟରେ ରାଜ୍ୟ ଯୋଜନା ପାଇଁ ୨50 କି.ମି. ରାସ୍ତାର ଉନ୍ନତି କରଣ ଓ 34 ଟି ସେତୁର ନିର୍ମାଣ ପାଇଁ **2485 କୋଟି ୪୨ ଲକ୍ଷ ଟଙ୍କା** ବ୍ୟୟବରାଦ ପ୍ରସ୍ତାବ ଅଛି ।

- ରାସ୍ତା, ସେତୁ ଏବଂ କୋଠା ବାଡିର ରକ୍ଷଣାବେକ୍ଷଣ ପାଇଁ ଯଥାକ୍ରମେ **929 କୋଟି** 73 ଲକ୍ଷ ଟଙ୍କା ଏବଂ **352 କୋଟି** 11 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ।
- ଗ୍ରାମ୍ୟ ଭିତ୍ତିଭୂମି ଉନ୍ନୟନ ପାଣ୍ଠି, କେନ୍ଦ୍ରୀୟ ସଡକ ପାଣ୍ଠି, ବହିଃ ସାହାଯ୍ୟପ୍ରାପ୍ତ ପ୍ରକଳ୍ପ ଏବଂ କେ.ବି.କେ. ଜିଲ୍ଲା ପାଇଁ ସ୍ୱତନ୍ତ୍ର ଅଞ୍ଚଳ କାର୍ଯ୍ୟକ୍ରମ ନିମନ୍ତେ ଯଥାକ୍ରମେ 700 କୋଟି ଟଙ୍କା, 148 **କୋଟି ୪୨ ଲକ୍ଷ ଟଙ୍କା**, **262 କୋଟି ଟଙ୍କା** ଏବଂ **50 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି ।
- ରାଜ୍ୟ ରାଜପଥ ଉନ୍ନୟନ ଯୋଜନା ଅଧୀନରେ 75 କି.ମି. ରାସ୍ତାର ଦୋହରି କରଣ ପାଇଁ **400 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି । ସେହିପରି ସରକାରୀ ଓ ବେସରକାରୀ ଭାଗିଦାରିରେ ରାସ୍ତା ପ୍ରକଳ୍ପ ପାଇଁ **100 କୋଟି ଟଙ୍କା** ଏବଂ ନଗରାଞ୍ଚଳରେ ପୂର୍ତ୍ତ ବିଭାଗ ରାସ୍ତାର ଉନ୍ନତି କରଣ ପାଇଁ **70 କୋଟି ଟଙ୍କା** ବ୍ୟୟ ବରାଦ କରାଯାଇଛି ।
- ପୁନଶ୍ଚ ପଶ୍ଚିମ ଓଡିଶା ଏବଂ କେ.ବି.କେ ଜିଲ୍ଲାରେ ରାସ୍ତା ସଂଯୋଗିକରଣ "Biju Express Way" ନିମନ୍ତେ **30 କୋଟି ଟଙ୍କା** ବ୍ୟୟ ଅଟକଳ ହେଉଛି । ଏହା ଜଗଦଲପୁର ଓ

ରାଉରକେଲା ମଧ୍ୟରେ ଏକ ସଂଯୋଜକ ଭାବେ ମଧ୍ୟ କାର୍ଯ୍ୟକରିବ ।

## 6.2 ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ

ନଗରାଞ୍ଚଳ ଆର୍ଥିକ ଅଭିବୃଦ୍ଧିର ଏକ ମୂଖ୍ୟ ଉପାଦାନ ଅଟେ । ନଗରାଞ୍ଚଳର ସମସ୍ୟା ସ୍ୱତନ୍ତ୍ର ଏବଂ କ୍ରମବର୍ଦ୍ଧିଷ୍ଣୁ ଅଟେ । ବିଭିନ୍ନ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ କାର୍ଯ୍ୟପାଇଁ **2925 କୋଟି 29 ଲକ୍ଷ ଟଙ୍କାର** ବ୍ୟୟବରାଦ କରାଯାଇଛି ।

- ଚତୁର୍ଥ ରାଜ୍ୟ ଅର୍ଥ ଆୟୋଗଙ୍କ ଅନୁମୋଦନ କ୍ରମେ Action Taken Report ଅନୁସାରେ ଆମେ 2015-16 ଆର୍ଥିକ ବର୍ଷରେ ସାମଗ୍ରୀକ ଭାବେ **864 କୋଟି 21 ଲକ୍ଷ ଟଙ୍କା** ହସ୍ତାନ୍ତର କରିବାକୁ ପ୍ରସ୍ତାବ ରଖିଛୁ ଯେଉଁଥିରୁ ପ୍ରବେଶ କର ଅଂଶ ଭାବେ ସହରାଞ୍ଚଳ ନିକାୟ ସଂସ୍ଥାକୁ **600** କୋଟି ଟଙ୍କା ହସ୍ତାନ୍ତର କରିବୁ । 2014-15 ଆର୍ଥିକ ବର୍ଷରେ ଏହି ହସ୍ତାନ୍ତର ପରିମାଣ **500** କୋଟି ଟଙ୍କା ଥିଲା ।
- ସମ୍ପୂର୍ଣ୍ଣ ରୂପେ ଜଳ ଯୋଗାଇ ଦିଆଯାଇ ନଥିବା ଏବଂ ଆଂଶିକ ଭାବେ ଜଳ ଯୋଗାଇ ଦିଆଯାଇଥିବା ୱାର୍ଡକୁ ରାଜ୍ୟ ଯୋଜନାରେ ବ୍ୟୟବରାଦ **120** କୋଟି ଟଙ୍କା ଥିବା ବେଳେ ଅଣ ଯୋଜନା କ୍ଷେତ୍ରରେ ଜଳ ଯୋଗାଣ ପ୍ରକଳ୍ପ ଏବଂ ନଗରାଞ୍ଚଳ ରାସ୍ତାର ପରିଚାଳନା ପାଇଁ **223 କୋଟି** 31 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।
- ଜାତୀୟ ନଗରାଞ୍ଚଳ ଜୀବିକା ମିଶନ ପାଇଁ **33 କୋଟି** 86 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ଏବଂ ଜାତୀୟ

ନଗରାଞ୍ଚଳ ମିଶନ ଡାଞ୍ଚାରେ ରାଜ୍ୟରେ ବାଦ୍ ପଡିଥିବା 77 ଟି ନଗରାଞ୍ଚଳ ଉନ୍ନୟନ ସଂସ୍ଥାପାଇଁ "ଓଡିଶା ନଗରାଞ୍ଚଳ ଜୀବିକା ମିଶନ" ନାମରେ ଏକ ଯୋଜନା ପ୍ରଣୟନ କରାଯାଇଛି ଏବଂ ଏଥିପାଇଁ 10 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

- ନଗରାଞ୍ଚଳରେ ପରିମଳ ସମସ୍ୟା ପାଇଁ ସ୍ୱଚ୍ଛ ଭାରତ ମିଶନ ଯୋଜନାରେ **229 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି ।

- ସମ୍ବଲପୁର ଓ ରାଉରକେଲା ଠାରେ ନୂତନ ଭାବେ ସୃଷ୍ଟି ହୋଇଥିବା ମହାନଗର ନିଗମ ଅଞ୍ଚଳରେ ଭୂତଳ ନର୍ଦ୍ଦମା ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବାପାଇଁ **957 କୋଟି** 74 ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି । ଏହାର ପ୍ରାକ ପ୍ରକଳ୍ପ କାର୍ଯ୍ୟ ସମ୍ପାଦନ ପାଇଁ 24 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

- ଜବାହାରଲାଲ ନେହେରୁ ନଗରାଞ୍ଚଳ ନବୀକରଣ ମିଶନ ଏବଂ UIDSSMT ପ୍ରକଳ୍ପ ସମେତ ସମନ୍ୱିତ ବସ୍ତି ଗୃହ ନିର୍ମାଣ ଯୋଜନା (Integrated Housing Slum Development Project) ଏବଂ ରାଜୀବ ଆବାସ ଯୋଜନା ପାଇଁ **586 କୋଟି 59 ଲକ୍ଷ** ଟଙ୍କାର ବ୍ୟୟବରାଦ କରାଯାଇଛି । ବହିଃ ସାହାଯ୍ୟ ପ୍ରାପ୍ତ ପ୍ରକଳ୍ପ ଅଧୀନରେ Odisha Urban Infrastructure Development Fund ପାଇଁ 70 କୋଟି ଟଙ୍କା ବିଶ୍ୱ ବ୍ୟାଙ୍କ ସହାୟତାରେ ବ୍ରହ୍ମପୁର ସହରରେ ବସ୍ତି ଉନ୍ନୟନ ପାଇଁ **70 କୋଟି ଟଙ୍କା** ବ୍ୟୟବରାଦ କରାଯାଇଛି ।

- ଏହା ଏଠାରେ ସୂଚାଇ ଦେବା ଉଚିତ୍ ହେବ ଯେ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ଗୃହ ନିର୍ମାଣ ପାଇଁ 2015-16 ଆର୍ଥିକ ବର୍ଷରୁ ଓଡିଶା ହାଉସିଂ ମିଶନ କାର୍ଯ୍ୟାକାରୀ ହେଉଛି । ଏହା ଗୃହ ନିର୍ମାଣ କ୍ଷେତ୍ରରେ ବିଭିନ୍ନ ଯୋଜନାକୁ ଏକତ୍ରିତ କରି କାର୍ଯ୍ୟକାରୀ କରାଯିବ ଓ ତାହାର ତଦାରଖ କରାଯାଇପାରିବ ।

## 6.3 ଗ୍ରାମ ଉନ୍ନୟନ ବିଭାଗ

ଗ୍ରାମ ଉନ୍ନୟନ ପାଇଁ ଗ୍ରାମାଞ୍ଚଳରେ ଭିତ୍ତିଭୂମି ଉନ୍ନୟନ ସହିତ ଜୀବନ ଧାରଣର ଗୁଣାତ୍ମକ ମାନବୃଦ୍ଧି ପାଇଁ ଗ୍ରାମ୍ୟ ଉନ୍ନୟନ କ୍ଷେତ୍ରରେ ପୁଞ୍ଜି ନିବେଶର ଆବଶ୍ୟକତା ଅଛି । 2015-16 ଆର୍ଥିକ ବର୍ଷରେ ରାଜ୍ୟ ଯୋଜନା ପାଇଁ ଉଦ୍ଦିଷ୍ଟ **4730 କୋଟି 81 ଲକ୍ଷ ଟଙ୍କା** ସମେତ ଏହି ବିଭାଗରେ ବ୍ୟୟ ପାଇଁ **5974 କୋଟି 97 ଲକ୍ଷ ଟଙ୍କା** ଅଟକଳ କରାଯାଇଛି ।

- **ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ** 3000 କିଲୋମିଟର ରାସ୍ତା ନିର୍ମାଣ ପାଇଁ **1800 କୋଟି ଟଙ୍କା** ବ୍ୟୟବରାଦ କରାଯାଇଛି ।

- ଜାତୀୟ କୃଷି ଓ ଗ୍ରାମ୍ୟ ଉନ୍ନୟନ ବ୍ୟାଙ୍କ (NABARD) ସହାୟତାରେ "ମୁଖ୍ୟମନ୍ତ୍ରୀ ସଡକ ଯୋଜନା" ପାଇଁ **250 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି । ବିଜୁ ସେତୁ ଯୋଜନା ପାଇଁ ଚାଲୁ ରହିଥିବା ସେତୁ ନିର୍ମାଣ ଏବଂ ସବୁ ଋତୁରେ ଯାତାୟତ କରିବା ପାଇଁ 28 ଟି ନୂତନ ସେତୁ ନିର୍ମାଣ ପାଇଁ 150 କୋଟି ଟଙ୍କା ଓ ଗ୍ରାମ୍ୟ ରାସ୍ତାର ଉନ୍ନତି ପାଇଁ ଗ୍ରାମ୍ୟ ଭିତ୍ତିଭୂମି ଉନ୍ନୟନ

ପାଣ୍ଠି (RIDF) ସହାୟତାରେ **450 କୋଟି ଟଙ୍କା** ବ୍ୟୟବରାଦ କରାଯାଇଛି ।

- ରାଜ୍ୟ ଯୋଜନାରେ କେ.ବି.କେ. ଜିଲ୍ଲାର ଦୁର୍ଗମ ଅଞ୍ଚଳରେ ବାସ କରୁଥିବା ଲୋକଙ୍କ ପାଇଁ ରାସ୍ତାର ଉନ୍ନତିକରଣ ନିମନ୍ତେ **85 କୋଟି ଟଙ୍କା** ବ୍ୟୟବରାଦ କରାଯାଇଛି । ସମନ୍ୱିତ କାର୍ଯ୍ୟ ଯୋଜନା ଜିଲ୍ଲା (Integrated Action Plan Districts) ର ଦୁର୍ଗମ ଅଞ୍ଚଳରେ Bailey Bridge ନିର୍ମାଣ ନିମନ୍ତେ **250 କୋଟି ଟଙ୍କା** ବ୍ୟୟ ବରାଦ କରାଯାଇଛି ।
- ଗ୍ରାମାଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ଜଳ ଯୋଗାଣ ଏବଂ ପରିମଳ ସଂସ୍ଥା ଜରିଆରେ 1000 ଗ୍ରାମ୍ୟ ପାଇପ୍ ଜଳ ଯୋଗାଣ ଯୋଜନା ଏବଂ 30,000 ନଳକୂପ ଓ ସ୍ୱଚ୍ଛ କୂପ ନିର୍ମାଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏଥିପାଇଁ ବଜେଟ୍‌ରେ **727 କୋଟି 11 ଲକ୍ଷ ଟଙ୍କା** ବ୍ୟୟବରାଦ କରାଯାଇଛି ।
- ସ୍ୱଚ୍ଛ ଭାରତ ମିଶନ (ପୂର୍ବତନ "ନିର୍ମାଣ ଭାରତ ଅଭିଯାନ") ପାଇଁ ବଜେଟ୍‌ରେ **666 କୋଟି 70 ଲକ୍ଷ ଟଙ୍କା** ବ୍ୟୟବରାଦ କରାଯାଇଛି ।

### 6.4 ଶକ୍ତି ବିଭାଗ

ଅର୍ଥନୈତିକ ଅଭିବୃଦ୍ଧି ଓ ଜୀବନଧାରଣ ମାନର ଉନ୍ନତିପାଇଁ ଶକ୍ତି ଏକ ଅତ୍ୟାବଶ୍ୟକୀୟ ଭିତ୍ତିଭୂମି । ଉଭୟ ଯୋଜନା ଓ ଅଣଯୋଜନା କ୍ଷେତ୍ରରେ ଶକ୍ତି ବିଭାଗ ପାଇଁ **1187 କୋଟି 20 ଲକ୍ଷ ଟଙ୍କା** ବ୍ୟୟବରାଦ ପ୍ରସ୍ତାବ ଅଛି ।

- 550 ଗୋଟି 33/11 କେଭି ସବ୍‌ଷ୍ଟେସନ ନିର୍ମାଣ ଓ ବିତରଣ ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ **310 କୋଟି ଟଙ୍କା**, କ୍ୟାପେକ୍ସ ଯୋଜନା ପାଇଁ **245 କୋଟି ଟଙ୍କା**, ହସ୍ତି ଅଳିନ୍ଦରେ ବିଦ୍ୟୁତ୍ ଭିତ୍ତିଭୂମିର ସଶକ୍ତିକରଣ ପାଇଁ **28 କୋଟି 15 ଲକ୍ଷ ଟଙ୍କା** ଏବଂ ଶକ୍ତି ସଂରକ୍ଷଣ ଓ ଶକ୍ତି ଦକ୍ଷତା ବୃଦ୍ଧି ପଦକ୍ଷେପ ପାଇଁ **11 କୋଟି ଟଙ୍କା** ବ୍ୟୟବରାଦ କରାଯାଇଛି ।
- ବ୍ରହ୍ମପୁର ଓ ଗୋପାଳପୁରରେ ବାତ୍ୟା ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ପରିବହନ ଓ ବିତରଣ ଭିତ୍ତିଭୂମିର ପୁନଃନିର୍ମାଣ ପାଇଁ ଏସୀୟ ଉନ୍ନୟନ ବ୍ୟାଙ୍କ ସହାୟତାରେ **210 କୋଟି ଟଙ୍କା** ଏବଂ ରାଜ୍ୟ ରାଜଧାନୀରେ ବିଦ୍ୟୁତ୍ ବ୍ୟବସ୍ଥାରେ ଉନ୍ନତି କରଣ (State Capital Region Improvement of Power System) ପାଇଁ **50 କୋଟି ଟଙ୍କା** ବ୍ୟୟବରାଦ କରାଯାଇଛି ।
- ବିଜୁ ଗ୍ରାମ ଜ୍ୟୋତି ଯୋଜନାରେ ବସତିରେ (Habitation) ଆଲୋକ ଯୋଗାଣ ଏବଂ ବ୍ୟବସ୍ଥାର ଉନ୍ନତିକରଣ ପାଇଁ **50 କୋଟି ଟଙ୍କାର** ବ୍ୟୟବରାଦ କରାଯାଇଛି ।

## 7. ନିର୍ମାଣ ଏବଂ ଶିଳ୍ପ କ୍ଷେତ୍ର

ଶିଳ୍ପ ଅଭିବୃଦ୍ଧିର ଏକ ମୁଖ୍ୟ ଉପାଦାନ ଅଟେ । ଏହା ବହୁଳ ସଂଖ୍ୟାରେ ନିଯୁକ୍ତି ସୃଷ୍ଟି କରିଥାଏ । ଆମ ରାଜ୍ୟ ଖଣିଜ ସମ୍ପଦରେ ଭରପୂର ଏବଂ ଶିଳ୍ପ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ନିମନ୍ତେ ଉପଯୁକ୍ତ । ନୂତନ ଶିଳ୍ପ ନୀତି 2015 ପ୍ରଣୟନ ସହ ଶିଳ୍ପାୟନ ପାଇଁ ସରକାର କେତେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଉଛନ୍ତି ।

## 7.1 ଶିଳ୍ପ ବିଭାଗ

ଶିଳ୍ପରେ ଉନ୍ନତି ବିନା ଆମ ରାଜ୍ୟର ଅଧିକ ଅର୍ଥନୈତିକ ପ୍ରଗତି ଅସମ୍ଭବ । ଶିଳ୍ପ କ୍ଷେତ୍ରରେ ପୁଞ୍ଜି ନିବେଶ ପାଇଁ ଉତ୍ତମ ବାତାବରଣ ସୃଷ୍ଟି ନିମନ୍ତେ ବଜେଟ୍‌ରେ **45 କୋଟି 58 ଲକ୍ଷ ଟଙ୍କା**ର ବ୍ୟୟବରାଦ କରାଯାଇଛି । ମୁଖ୍ୟତଃ ଇସ୍ପାତ ଏବଂ ଧାତୁକର୍ମୀୟ ପୁଞ୍ଜିରେ ଶିଳ୍ପ ଭିତ୍ତିଭୂମି ସୁବିଧାର ଉନ୍ନତିପାଇଁ, କଳିଙ୍ଗ ନଗରରେ ଜାତୀୟ ବିନିଯୋଗ ଉତ୍ପାଦନକାରୀ ଅଞ୍ଚଳ (NIMZ) ର ଉନ୍ନତିପାଇଁ ପାରାଦୀପ ଠାରେ PCPIR ର ପ୍ରକଳ୍ପ ଉନ୍ନୟନ ଖର୍ଚ୍ଚପାଇଁ ଆର୍ଥିକ ସହାୟତା, ନୂଆ ଜମି ଯୋଜନା ଓ IDCOL ଅଧୀନରେ ବୈଷୟିକ ଉନ୍ନୟନ କେନ୍ଦ୍ର ସ୍ଥାପନ ପାଇଁ ଏହି ବ୍ୟୟବରାଦ ଉଦ୍ଦିଷ୍ଟ ।

ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଶିଳ୍ପ ନୀତି 2015 ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଥରେ ଏହି ନୀତି ପ୍ରଣୟନ ହେଲାପରେ ଏଥିପାଇଁ ଆର୍ଥିକ ଆବଶ୍ୟକତା ବିଷୟରେ ଅନୁମାନ କରିହେବ ଏବଂ 2015-16 ଆର୍ଥିକ ବର୍ଷ ମଧ୍ୟରେ ଆବଶ୍ୟକ ପଦକ୍ଷେପ ନିଆଯିବ ।

## 7.2 ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ

ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କ୍ଷେତ୍ର ଉଲ୍ଲେଖନୀୟ ଭାବେ ରାଜ୍ୟ ଅର୍ଥନୀତିକୁ ପ୍ରଭାବିତ କରୁଛି ଏବଂ ନିଯୁକ୍ତି ସୃଷ୍ଟି ପାଇଁ ଏହି କ୍ଷେତ୍ରର ଯଥେଷ୍ଟ ସାମର୍ଥ୍ୟ ଅଛି । କେତେକ ମୁଖ୍ୟ କାର୍ଯ୍ୟକ୍ରମ ଯଥା ବିଜୁ ଆତ୍ମ ନିଯୁକ୍ତି ଯୋଜନା, ଜାତୀୟ ଖାଦ୍ୟ ପ୍ରକ୍ରିୟାକରଣ ପାଇଁ ଜାତୀୟ ମିଶନ, ଖାଦ୍ୟ ପ୍ରକ୍ରିୟା କରଣ ଶିଳ୍ପ ଏବଂ ଉଦ୍ୟୋଗରେ ସାମର୍ଥ୍ୟ ସୃଷ୍ଟି, ମୂଲ୍ୟ ଯୁକ୍ତ ଟିକସ ପ୍ରତିପୂର୍ତ୍ତି ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ

ନୀତି 2009 ରେ ଆର୍ଥିକ ପ୍ରୋତ୍ସାହନ ନିମନ୍ତେ **113 କୋଟି 61 ଲକ୍ଷ ଟଙ୍କା** ବ୍ୟୟବରାଦ  କରାଯାଇଛି ।

## 7.3 ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ

ହସ୍ତତନ୍ତ, ରେଶମ ଏବଂ ହସ୍ତଶିଳ୍ପ କୃଷି କ୍ଷେତ୍ର ପରେ ବହୁ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିଥାଏ । ଏଥିପାଇଁ ବଜେଟ୍‌ରେ **151 କୋଟି 49 ଲକ୍ଷ ଟଙ୍କା** ବ୍ୟୟବରାଦ କରାଯାଇଛି । ଏହି ବିଭାଗର ମୁଖ୍ୟ କାର୍ଯ୍ୟକ୍ରମ ଗୁଡିକ ହେଲା : ହସ୍ତତନ୍ତ ବୟନ ଏବଂ ହସ୍ତଶିଳ୍ପ ଏବଂ ରେଶମ ଚାଷର ଭିତ୍ତିଭୂମି ଓ ବୈଶୟିକ ଉନ୍ନତି ହସ୍ତତନ୍ତ କପଡାର ବିକ୍ରୟ ଉପରେ ରିହାତି ।

ମୁଖ୍ୟମନ୍ତ୍ରୀଙ୍କର ସ୍ୱତନ୍ତ୍ର ପ୍ୟାକେଜ ବୁଣାକାର, କାରିଗର ଓ ରେଶମ ଉତ୍ପାଦନକାରିଙ୍କ ପାଇଁ ଉଦ୍ଦିଷ୍ଟ । ଏଥିରେ 45 ହଜାର ବୁଣାକାର 15 ହଜାର ରେଶମ ଚାଷୀ ଏବଂ 12 ହଜାର ହସ୍ତଶିଳ୍ପ କାରିଗରଙ୍କୁ ଜୀବନବୀମାରେ ପରିସରଭୁକ୍ତ କରାଯିବ । ହିତାଧୀକାରୀଙ୍କ ପ୍ରିମିୟମ ପାଇଁ ରାଜ୍ୟ ବଜେଟ୍‌ରେ ବ୍ୟୟବରାଦ କରାଯିବ ।ଏତଦ୍‌ବ୍ୟତୀତ 50 ହଜାର ହସ୍ତତନ୍ତ ବୁଣାକାର 14 ହଜାର ଟସର ଚାଷୀଙ୍କୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ । ଏଥିପାଇଁ ବଜେଟରେ ପ୍ରିମିୟମ ବାବଦରେ ବ୍ୟୟବରାଦ କରାଯିବ ।

## 8. ଦକ୍ଷତା ବୃଦ୍ଧି ଏବଂ ନିଯୁକ୍ତି ସୃଷ୍ଟି

ବେକାର ଯୁବକଙ୍କ ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ଦକ୍ଷତା ବୃଦ୍ଧି ଏକ ପ୍ରାଥମିକ ଆବଶ୍ୟକତା ଅଟେ । ଏହାକୁ ଆଖିଆଗରେ ରଖି ଆମ ସରକାର ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱ ଦେଉଛନ୍ତି ।

## ୪.1 **ଶ୍ରମ ଓ ନିଯୁକ୍ତି ରାଜ୍ୟ ବୀମା ବିଭାଗ**

ଉଭୟ ସଂଗଠିତ ଓ ଅଣ ସଂଗଠିତ କ୍ଷେତ୍ରରେ କାର୍ଯ୍ୟକରୁଥିବା ବ୍ୟକ୍ତିଙ୍କର ସାମାଜିକ ସୁରକ୍ଷା ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ । ରାଜ୍ୟ ଯୋଜନାରେ 142 **କୋଟି** 53 **ଲକ୍ଷ ଟଙ୍କା** ବ୍ୟୟବରାଦ ସମେତ ଏହି ବିଭାଗରେ ମୋଟ ବ୍ୟୟବରାଦ ପରିମାଣ 19୪ **କୋଟି** 6୪ **ଲକ୍ଷ ଟଙ୍କା** ଅଟେ ।

- ଅଣ ସଂଗଠିତ କ୍ଷେତ୍ରରେ କାର୍ଯ୍ୟକରୁଥିବା ବ୍ୟକ୍ତିଙ୍କ ପାଇଁ **ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା** କାର୍ଯ୍ୟକାରୀ ହେଉଛି । ଏଥିପାଇଁ 131 **କୋଟି** 66 **ଲକ୍ଷ ଟଙ୍କା**ର ବ୍ୟବସ୍ଥା ହେଉଛି । ବାହାରକୁ ଚାଲିଯାଉଥିବା ଶ୍ରମିକଙ୍କୁ ଶୋଷଣରୁ ରକ୍ଷାକରି ସେମାନଙ୍କର ଉଦ୍ଧାର ଓ ଥଇଥାନ ପାଇଁ 6 **କୋଟି ଟଙ୍କା** ବ୍ୟୟବରାଦ କରାଯାଇଛି ।

## ୪.2 **ନିଯୁକ୍ତି ଏବଂ ବୈଷୟିକ ପ୍ରତିଷ୍ଠାନ ବିଭାଗ**

ଦକ୍ଷତା ବୃଦ୍ଧି, ପ୍ରଶିକ୍ଷଣ ଓ ନିଯୁକ୍ତି ପାଇଁ ଆମେ ରାଜ୍ୟ ନିଯୁକ୍ତି ମିଶନ ସ୍ଥାପନ କରିଛୁ । ଆମେ ବିଦ୍ଧିବଦ୍ଧ ପ୍ରଶିକ୍ଷଣ ଦ୍ୱାରା ଯୁବକମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ନିମନ୍ତେ ଅଙ୍ଗୀକାର ବଦ୍ଧ । ବଜେଟରେ ଏଥିପାଇଁ 711 **କୋଟି** 47 **ଲକ୍ଷ ଟଙ୍କା**ର ବ୍ୟୟବରାଦ କରାଯାଇଛି ।

- ବୈଷୟିକ ବିଶ୍ୱବିଦ୍ୟାଳୟ/ଯାନ୍ତ୍ରିକ ମହାବିଦ୍ୟାଳୟ, ଯାନ୍ତ୍ରିକ ବିଦ୍ୟାଳୟ ପଲିଟେକ୍ନିକ ଓ ଆଇ.ଟି.ଆଇ.ର ଭିତ୍ତିଭୂମି ଉନ୍ନୟନ ପାଇଁ 330 **କୋଟି ଟଙ୍କା** ବ୍ୟୟବରାଦ କରାଯାଇଛି ।

- ଓଡିଶା ରାଜ୍ୟ ନିଯୁକ୍ତି ମିଶନରେ ଦକ୍ଷତା ପ୍ରଶିକ୍ଷଣ ପାଇଁ **32 କୋଟି ଟଙ୍କା** ଏବଂ ଓଡିଶା ଦକ୍ଷତା ବୃଦ୍ଧି ପ୍ରକଳ୍ପ ପାଇଁ **105 କୋଟି ଟଙ୍କା**ର ବ୍ୟୟ ବରାଦ କରାଯାଇଛି ଯାହା କି ଏସିୟାନ ଉନ୍ନୟନ ବ୍ୟାଙ୍କ (ADB) ସହାୟତାରେ କାର୍ଯ୍ୟକାରୀ ହେଉଛି ।
- ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନରେ **36 କୋଟି 95 ଲକ୍ଷ ଟଙ୍କା** ବ୍ୟୟବରାଦ କରାଯାଇଛି ।

**୨. ଅନ୍ୟାନ୍ୟ ଆର୍ଥିକ ସେବା -**

୨.1 **ଜଙ୍ଗଲ ଓ ପରିବେଶ ବିଭାଗ**

ଏହି ବିଭାଗ ପାଇଁ 71୫ କୋଟି 62 ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି । ରାଜ୍ୟ ଯୋଜନା ରେ **256 କୋଟି 54 ଲକ୍ଷ ଟଙ୍କାର** ବ୍ୟୟ ବରାଦ ଏହାର ଅନ୍ତର୍ଭୁକ୍ତ । ଏଥିରୁ ରାଜ୍ୟରେ ସବୁଜ ବଳୟ ସୃଷ୍ଟି ପାଇଁ **121 କୋଟି 36 ଲକ୍ଷ ଟଙ୍କା**ର ବ୍ୟୟ ବରାଦ ହେଉଛି ।

**୨.2 ବିଜ୍ଞାନ ଓ କାରୀଗରୀ ବିଭାଗ**

ଯୋଜନା ଓ ଅଣଯୋଜନା କ୍ଷେତ୍ରରେ ଏହି ବିଭାଗ ପାଇଁ **52 କୋଟି 5୫ ଲକ୍ଷ ଟଙ୍କା** ବ୍ୟୟ ବରାଦ କରାଯାଇଛି । ଏହି ବିଭାଗର ମୁଖ୍ୟ କାର୍ଯ୍ୟକ୍ରମ ମଧ୍ୟରେ, ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ବିଶ୍ୱବିଦ୍ୟାଳୟରେ ଜୈବ ପ୍ରଯୁକ୍ତି ବିଦ୍ୟା ପରୀକ୍ଷାଗାରର ଉନ୍ନତି, ସୌର ଫଟୋ ଭୋଲଟାଇକ ବ୍ୟବହାର ମାଧ୍ୟମରେ ସେବାଶ୍ରମ, ଆଶ୍ରମ, ଉତ୍କଳ ବାଳାଶ୍ରମ ମାନଙ୍କର ବୈଦ୍ୟୁତୀକରଣ, ସରକାରୀ ଅଟ୍ଟାଳିକାରେ ସୌର ଶକ୍ତିଉତ୍ସ ପ୍ରତିଷ୍ଠା, ସୌରଚୂଲା ବଣ୍ଟନ, ଅଣ ସମନ୍ୱିତ କାର୍ଯ୍ୟ ଯୋଜନା

(Non-IAP) ଅଞ୍ଚଳରେ ସୌର ଶକ୍ତି ପରିଚାଳିତ ପାନୀୟ ଜଳ ପ୍ରକଳ୍ପ, ପ୍ରାଥମିକ ବିଦ୍ୟାଳୟ, ଅଙ୍ଗନବାଡି କେନ୍ଦ୍ରରେ ଉନ୍ନତ ଚୂଲାର ବ୍ୟବହାର ଏବଂ ସମ୍ବଲପୁର ପ୍ଲାନେଟୋରିୟମ ନିମନ୍ତେ ଯନ୍ତ୍ରପାତି କିଣିବା ପାଇଁ ବ୍ୟବସ୍ଥା ରହିଛି ।

## ୨.3 ସୂଚନା ଓ ପ୍ରଯୁକ୍ତି ବିଦ୍ୟା ବିଭାଗ

ଏହି ବିଭାଗ ପାଇଁ ଉଭୟ ଯୋଜନା ଓ ଅଣଯୋଜନା କ୍ଷେତ୍ରରେ **175 କୋଟି 4 ଲକ୍ଷ ଟଙ୍କା**ର ବ୍ୟୟ ବରାଦ କରାଯାଇଛି । ଏହି ବ୍ୟୟ ଅଟକଳ, ସମତଳ ସଂଯୋଗୀକରଣ ଏବଂ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଭିତ୍ତିଭୂମି, ଜାତୀୟ ଇ-ଗଭରନାନ୍ସ (e-Governance) ଯୋଜନା ଅନୁସାରେ ଇ-ଗଭରନାନ୍ସ କାର୍ଯ୍ୟାନ୍ୱୟନ, IIIT, ଭୁବନେଶ୍ୱରର ଭିତ୍ତିଭୂମିର ଉନ୍ନୟନ ତଥା ରାଜ୍ୟ ତଥ୍ୟ କେନ୍ଦ୍ରର ଭିତ୍ତିଭୂମି ନିମନ୍ତେ ଉଦ୍ଦିଷ୍ଟ ।

## ୨.4 ଯୋଜନା ଓ ସମନ୍ୱୟ ବିଭାଗ

ଏହି ବିଭାଗ ପାଇଁ **1385 କୋଟି 40 ଲକ୍ଷ ଟଙ୍କା**ର ବ୍ୟୟ ବରାଦ କରାଯାଇଛି । ଏହା ମଧ୍ୟରେ ପଶ୍ଚିମ ଓଡିଶା ବିକାଶ ପରିଷଦ ସ୍ୱତନ୍ତ୍ର ପ୍ରକଳ୍ପ ପାଇଁ ସ୍ୱତନ୍ତ୍ର ଅନୁଦାନ ନିମନ୍ତେ **50 କୋଟି ଟଙ୍କା**, Viability Gap Fund ପାଇଁ **40 କୋଟି ଟଙ୍କା**, ସ୍ୱତନ୍ତ୍ର ଉନ୍ନୟନ କାର୍ଯ୍ୟକ୍ରମ ପାଇଁ **127 କୋଟି 90 ଲକ୍ଷ ଟଙ୍କା**, ବିଜୁ କେବିକେ ଯୋଜନା ପାଇଁ **120 କୋଟି ଟଙ୍କା**, ପଛୁଆ ଆଦିବାସୀ ଏବଂ  ନକ୍ସଲ ପ୍ରବଣ (LWE) ଅଞ୍ଚଳର ରାସ୍ତା ସଂଯୋଗୀକରଣ ପାଇଁ **100 କୋଟି ଟଙ୍କା**, ବିଜୁ କନ୍ଧମାଳ ଓ ଗଜପତି ଯୋଜନା ପାଇଁ **28 କୋଟି 50 ଲକ୍ଷ ଟଙ୍କା**,

ନକ୍ସଲ ପ୍ରବଣ (LWE) ଜିଲ୍ଲା ପାଇଁ ଅତିରିକ୍ତ କେନ୍ଦ୍ରୀୟ ସହାୟତାର ବିନିଯୋଗ ନିମନ୍ତେ **540 କୋଟି ଟଙ୍କା** ବ୍ୟୟ ବରାଦ ଉଦ୍ଦିଷ୍ଟ ।

### ୨.5 ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ

ଖାଦ୍ୟ ନିରାପତ୍ତାର ସୁନିଶ୍ଚିତତା ଏବଂ ଉପଭୋକ୍ତାମାନଙ୍କର କଲ୍ୟାଣ ଆମ ସରକାରଙ୍କର ଲକ୍ଷ୍ୟ । ଖାଦ୍ୟ ନିରାପତ୍ତା ଜନୀତ ସମସ୍ୟାକୁ ମୁକାବିଲା କରିବାକୁ ଆମେ ବହୁ ପଦକ୍ଷେପ ନେଇଛୁ । ସମସ୍ତଙ୍କ ପାଇଁ ଖାଦ୍ୟ ନିରାପତ୍ତାକୁ ସୁନିଶ୍ଚିତ କରିବା ଆମର ମୁଖ୍ୟ ଆଭିମୁଖ୍ୟ । ଏହି ବିଭାଗ ପାଇଁ **1559 କୋଟି 44 ଲକ୍ଷ ଟଙ୍କା**ର ବ୍ୟୟ ବରାଦ କରାଯାଇଛି ।

ସମାଜର ଗରିବ ଓ ଦୁର୍ବଳ ଶ୍ରେଣୀର ଲୋକଙ୍କୁ ଖାଦ୍ୟ ନିରାପତ୍ତା ଯୋଗାଇ ଦେବାପାଇଁ କିଲୋ ପିଛା 1 ଟଙ୍କା ହାରରେ ଚାଉଳ ଯୋଗାଣ ପାଇଁ **1402 କୋଟି 99 ଲକ୍ଷ ଟଙ୍କା**ର ବ୍ୟୟ ବରାଦ କରାଯାଇଛି । ଏତଦ୍ ବ୍ୟତୀତ ପଡିକାଡ୍ ର କମ୍ପ୍ୟୁଟରୀକରଣ କରି ଜାଲ ପଡିକାର୍ଡ ବ୍ୟବହାରକୁ ରୋକିବା ପାଇଁ **5 କୋଟି ଟଙ୍କା**ର ବ୍ୟୟ ବରାଦ କରାଯାଇଛି ।

### ୨.6 ପରିବହନ ବିଭାଗ

ଏହି ବିଭାଗର ଯୋଜନା ଓ ଅଣ ଯୋଜନାରେ **226 କୋଟି 07 ଲକ୍ଷ ଟଙ୍କାର** ବ୍ୟୟ ବରାଦ କରାଯାଇଛି ।

- ସହଭାଗୀତାରେ ନିର୍ମାଣ ହେବାକୁ ଥିବା କେତୋଟି ବାଣିଜ୍ୟିକ ଦୃଷ୍ଟିରୁ ଲାଭ ଜନକ ରେଳ ପ୍ରକଳ୍ପର ଉନ୍ନତିକରଣ ପାଇଁ 80

**କୋଟି ଟଙ୍କାର** ବ୍ୟୟ ବରାଦ କରାଯାଇଛି । ଖୋର୍ଦ୍ଧା-ବଲାଙ୍ଗୀର ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ ରାଜ୍ୟ ଅଂଶଧନ ବାବଦରେ **10 କୋଟି ଟଙ୍କାର** ବ୍ୟୟ ବରାଦ କରାଯାଇଛି ।

- ଭୁବନେଶ୍ୱର ରେଳ ଷ୍ଟେସନର ଆଧୁନୀକରଣ ନିମନ୍ତେ **40 କୋଟି ଟଙ୍କା** ଏବଂ ବିଜୁ ଗାଁ ଗାଡି ଯୋଜନା ପାଇଁ **6 କୋଟି ଟଙ୍କାର** ବ୍ୟୟ ବରାଦ କରାଯାଇଛି ।

## 9.7 ବାଣିଜ୍ୟ ବିଭାଗ

ଏହି ବିଭାଗ ପାଇଁ ଯୋଜନା ଓ ଅଣ ଯୋଜନା କ୍ଷେତ୍ରରେ **82 କୋଟି 7 ଲକ୍ଷ ଟଙ୍କା**ର ବ୍ୟୟ ବରାଦ କରାଯାଇଛି । ତାମଧ୍ୟରୁ **4 କୋଟି 30 ଲକ୍ଷ ଟଙ୍କା** ପାରାଦୀପ ଜେଟିର ଉନ୍ନତିକରଣ ପାଇଁ ଉଦ୍ଦିଷ୍ଟ ।

## 10. ସାଧାରଣ ସେବା

ଆଇନ ଶୃଙ୍ଖଳା ପରିଚାଳନା, ଶାନ୍ତି ଓ ସୌହାର୍ଦ୍ଦ୍ୟ, ଉତ୍ତମ ପ୍ରଶାସନର ମୂଳ ମନ୍ତ୍ର ଅଟେ ଏବଂ ଏହା ରାଜ୍ୟର ଅଭିବୃଦ୍ଧି ଓ ସ୍ଥିରତାକୁ ପରିପୁଷ୍ଟ କରେ । ବଜେଟ୍‌ରେ ନ୍ୟାୟ ପ୍ରଶାସନ, ଆଭ୍ୟନ୍ତରୀଣ ନିରାପତ୍ତା ଏବଂ ରାଜସ୍ୱ ପ୍ରଶାସନ ପାଇଁ ଯଥେଷ୍ଟ ବ୍ୟୟବରାଦ କରାଯାଇଛି ।

## 10.1 ସ୍ୱରାଷ୍ଟ୍ର ବିଭାଗ

ଉଭୟ ଯୋଜନା ଓ ଅଣ ଯୋଜନା କ୍ଷେତ୍ରରେ ସ୍ୱରାଷ୍ଟ୍ର ବିଭାଗ ପାଇଁ **3611 କୋଟି 88 ଲକ୍ଷ ଟଙ୍କା** ବ୍ୟୟବରାଦ କରାଯାଇଛି ।

- ପୋଲିସ୍ ଏବଂ ଅନ୍ୟାନ୍ୟ ବାହୀନିର ଆଧୁନିକୀ କରଣ ପାଇଁ ଜାତୀୟ୍ ଯୋଜନା (National Scheme for Modernisation of Police and other Forces) ଅଧୀନରେ ରାଜ୍ୟ ଯୋଜନା କ୍ଷେତ୍ରରେ **120 କୋଟି 76 ଲକ୍ଷ ଟଙ୍କା** ବ୍ୟୟ୍‌ବରାଦ କରାଯାଇଛି । ଏଥିମଧ୍ୟରେ ଥାନା ଗୃହ ନିର୍ମାଣ ଏବଂ ଥାନାର ସୁଦୃଢ଼ିକରଣ, ଆବାସିକ ଗୃହ ନିର୍ମାଣ, ସଂରଞ୍ଜାମ କ୍ରୟ୍ ପାଇଁ ବ୍ୟୟ୍‌ବରାଦ ଅନ୍ତର୍ଭୁକ୍ତ ।

- ଏହାଛଡ଼ା ରାଜ୍ୟର ନିଜସ୍ୱ ସମ୍ବଳରୁ ଥାନା ଗୃହ ନିର୍ମାଣ ଏବଂ ଥାନାର ସୁଦୃଢ଼ିକରଣ, ଆବାସିକ ଗୃହ ନିର୍ମାଣ, ସଂରଞ୍ଜାମ କ୍ରୟ୍ ପାଇଁ **144 କୋଟି ଟଙ୍କା** ବ୍ୟୟ୍‌ବରାଦ କରାଯାଇଛି ।

- ରାଜ୍ୟ ଯୋଜନାରେ ଜେଲ୍ ସଂସ୍ଥାର ସାମଗ୍ରୀକ ଉନ୍ନତି ପାଇଁ **35 କୋଟି ଟଙ୍କା** ବ୍ୟୟ୍‌ବରାଦ କରାଯାଇଛି । ଏଥି ମଧ୍ୟରେ ଜେଲ୍ ନିର୍ମାଣ ଓ ଉନ୍ନତିକରଣ, କର୍ମଚାରୀଙ୍କ ଆବାସିକ ଗୃହ ନିର୍ମାଣ ଏବଂ ଆବଶ୍ୟକତା ଭିତ୍ତିକ ସଂରଞ୍ଜାମ ଯଥା - ସେଲ୍ ଫୋନ ଜାମର, ସ୍କାନର, ସିସିଟିଭି, ଏବଂ ଭିଡିଓ କନ୍‌ଫରେନ୍‌ସ ପାଇଁ ବ୍ୟୟ୍‌ବରାଦ ଅନ୍ତର୍ଭୁକ୍ତ ।

- ରାଜ୍ୟ ଯୋଜନାରେ ଅଗ୍ନୀଶମ ସଂସ୍ଥାର ଉନ୍ନତି ପାଇଁ **28 କୋଟି 50 ଲକ୍ଷ ଟଙ୍କା** ବ୍ୟୟ୍‌ବରାଦ କରାଯାଇଛି । ଏଥିମଧ୍ୟରେ ଅଗ୍ନିନିରୋଧକ ସରଞ୍ଜାମ କ୍ରୟ୍, ଦମକଳ କେନ୍ଦ୍ର ଓ ଆବାସିକ ଗୃହ ନିର୍ମାଣ ପାଇଁ ବ୍ୟୟ୍‌ବରାଦ ଅନ୍ତର୍ଭୁକ୍ତ ।

- ରାଜ୍ୟ ଯୋଜନାରେ ବିଚାର ବିଭାଗର ଭିତ୍ତିଭୂମି ଉନ୍ନୟ୍ନ ପାଇଁ **63 କୋଟି 20 ଲକ୍ଷ ଟଙ୍କା** ବ୍ୟୟ୍‌ବରାଦ କରାଯାଇଛି । ଏଥିମଧ୍ୟରେ ନ୍ୟାୟ୍‌ାଳୟ୍ର ଆଧୁନିକୀକରଣ ପାଇଁ ଜାତୀୟ୍

ଯୋଜନା (National Scheme for Modernisation of Courts) ରେ ନ୍ୟାୟାଳୟ ଗୃହ ନିର୍ମାଣ ଏବଂ ଆବାସିକ ଗୃହ ନିର୍ମାଣ ପାଇଁ ବ୍ୟୟବରାଦ ଅନ୍ତର୍ଭୁକ୍ତ ।

## 10.2 ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

ଆମ ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ଫାଇଲିନ୍-2013 ଏବଂ ହୁଡ୍ ହୁଡ୍-2014କୁ ସଫଳ ଭାବେ ମୁକାବିଲା କରି ଜାତୀୟ ସ୍ତରରେ ଏକ ସ୍ୱତନ୍ତ୍ର ମାନ୍ୟତା ହାସଲ କରିଛି । ବିପର୍ଯ୍ୟୟ ପ୍ରଶମନ ଏକ ନିରବଚ୍ଛିନ୍ନ ଧାରା ଅଟେ । ଆମ ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଇଁ ସଫଳ ଭାବେ ନିଆଯାଇଥିବା କାର୍ଯ୍ୟକ୍ରମକୁ ସୁଦୃଢିକରଣ କରି ଏହାକୁ ନିରନ୍ତର ଭାବେ କାର୍ଯ୍ୟକାରୀ କରିବାକୁ ଅଙ୍ଗୀକାରବଦ୍ଧ । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପାଇଁ ଉଭୟ ଯୋଜନା ଓ ଅଣ ଯୋଜନା କ୍ଷେତ୍ରରେ **2272 କୋଟି 19 ଲକ୍ଷ ଟଙ୍କା**ର ବ୍ୟୟବରାଦ କରାଯାଇଛି ।

- ଅଣ ଯୋଜନା କ୍ଷେତ୍ରରେ ରାଜ୍ୟ ଆପଦ ମୁକାବିଲା ପାଣ୍ଠି (State Disaster Response Fund) ପାଇଁ **475 କୋଟି 98 ଲକ୍ଷ** ଏବଂ ଜାତୀୟ ଆପଦ ମୁକାବିଲା ପାଣ୍ଠି (National Disaster response Fund) ପାଇଁ **200 କୋଟି ଟଙ୍କା** ବ୍ୟୟବରାଦ କରାଯାଇଛି ।
- ବନ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ପାଇଁ **14 କୋଟି ଟଙ୍କା** ବ୍ୟୟବରାଦ କରାଯାଇଛି ।
- ବିଶ୍ୱ ବ୍ୟାଙ୍କ ସହାୟତାରେ 'ଓଡିଶା ବିପର୍ଯ୍ୟୟ ପ୍ରଶମନ ପ୍ରକଳ୍ପ' ପାଇଁ ରାଜ୍ୟ ଯୋଜନାରେ **420 କୋଟି ଟଙ୍କା** ବ୍ୟୟବରାଦ କରାଯାଇଛି । ଏହା ଫାଇଲିନ୍ ଏବଂ ପରବର୍ତ୍ତୀ ବନ୍ୟା ଯୋଗୁଁ

ଗଞ୍ଜାମ, ପୁରୀ ଓ ଖୋର୍ଦ୍ଧାରେ କ୍ଷତିଗ୍ରସ୍ତ ହୋଇଥିବା ଗୃହର ପୁନଃ ନିର୍ମାଣ ଏବଂ ଗୃହ ପାଇଁ ଭିତ୍ତିଭୂମି ଯଥା, ଆନ୍ତଃ ରାସ୍ତା ନିର୍ମାଣ, ଜଳ ଯୋଗାଣ, ପରିମଳ ଇତ୍ୟାଦି ପାଇଁ ଉଦ୍ଦିଷ୍ଟ । ଏହାଛଡ଼ା ଜାତୀୟ ବାତ୍ୟା ବିପର୍ଯ୍ୟୟ ପ୍ରଶମନ କାର୍ଯ୍ୟକ୍ରମ (NCRMP) ଏବଂ ଏନ୍‌ସିଆର୍‌ଏନ୍‌ପି (ଅତିରିକ୍ତ ଆର୍ଥିକ ସହାୟତା) ପାଇଁ ଯଥାକ୍ରମେ **198 କୋଟି ଟଙ୍କା** ଏବଂ **202 କୋଟି ଟଙ୍କା** ବ୍ୟୟବରାଦ କରାଯାଇଛି ।

## 10.3 ସାଧାରଣ ପ୍ରଶାସନ ବିଭାଗ

ଏହି ବିଭାଗରେ ଉଭୟ ଯୋଜନା ଓ ଅଣ ଯୋଜନା ପାଇଁ **300 କୋଟି 37 ଲକ୍ଷ ଟଙ୍କା** ବ୍ୟୟବରାଦ କରାଯାଇଛି ।

- ଓଡ଼ିଶା ସାଧାରଣ ସେବା ଅଧିକାର ଆଇନ କାର୍ଯ୍ୟାନ୍ୱୟନ ପାଇଁ ରାଜ୍ୟ ଯୋଜନାରେ **2 କୋଟି ଟଙ୍କା** ବ୍ୟୟବରାଦ କରାଯାଇଛି ।
- ସାଧାରଣ ସେବା ଯୋଗାଣକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ସଚେତନତା ଅଭିଯାନ ପାଇଁ **1 କୋଟି ଟଙ୍କା** ବ୍ୟୟବରାଦ କରାଯାଇଛି ।
- Centre for Modernizing Government Initiative (CMGI) ପାଇଁ **13 କୋଟି ଟଙ୍କା** ବ୍ୟୟବରାଦ କରାଯାଇଛି ।

## 10.4 ଆଇନ ବିଭାଗ

ଏହି ବିଭାଗ ପାଇଁ ଉଭୟ ଯୋଜନା ଓ ଅଣ ଯୋଜନା କ୍ଷେତ୍ରରେ **297 କୋଟି 41 ଲକ୍ଷ ଟଙ୍କାର** ବ୍ୟୟବରାଦ କରାଯାଇଛି ।

- ମାମଲାର ତ୍ୱରୀତ ଫଇସଲା ଏବଂ ନ୍ୟାୟ୍ ପ୍ରଦାନ ବ୍ୟବସ୍ଥାକୁ ଅପହଞ୍ଚ ଅଞ୍ଚଳରେ ପହଞ୍ଚାଇବା ପାଇଁ ରାଜ୍ୟ ସରକାର ରାଜ୍ୟର ବିଭିନ୍ନ ସ୍ଥାନରେ 50 ଗୋଟି ନୂତନ କୋର୍ଟ ସ୍ଥାପନ ପାଇଁ ପ୍ରସ୍ତାବ ରଖିଛନ୍ତି ଯାହା ପାଇଁ ଏହି ବଜେଟ୍ ରେ ପର୍ଯ୍ୟାପ୍ତ ଅର୍ଥ ବ୍ୟବସ୍ଥା କରାଯାଇଛି ।
- ଶ୍ରୀ ଜଗନ୍ନାଥ ମନ୍ଦୀରକୁ ଅନୁଦାନ ପ୍ରଦାନ ପାଇଁ **25 କୋଟି 38 ଲକ୍ଷ ଟଙ୍କା**ର ବ୍ୟୟ ବରାଦ କରାଯାଇଅଛି । ଯାହା ମଧ୍ୟରୁ **2 କୋଟି ଟଙ୍କା** ଇଂରାଜୀ ମାଧ୍ୟମ ଆବାସିକ ବିଦ୍ୟାଳୟ ପ୍ରତିଷ୍ଠା ଓ **3 କୋଟି ଟଙ୍କା** ଗରିବ ଏବଂ ଅଭାବୀ ସେବକ ପରିବାରର ଗୃହ ନିର୍ମାଣ ପାଇଁ ଉଦ୍ଦିଷ୍ଟ ।

## 11. ଅନ୍ୟାନ୍ୟ କ୍ଷେତ୍ର

### 11.1 ସୂଚନା ଓ ଲୋକ ସମ୍ପର୍କ ବିଭାଗ

ଏହି ବିଭାଗ ପାଇଁ ଉଭୟ ଯୋଜାନା ଓ ଅଣଯୋଜନା କ୍ଷେତ୍ରରେ **63 କୋଟି 30 ଲକ୍ଷ ଟଙ୍କା**ର ବ୍ୟୟବରାଦ କରାଯାଇଛି । ତାମଧ୍ୟରୁ **1 କୋଟି ଟଙ୍କା** କାର୍ଯ୍ୟରତ ସାମ୍ବାଦିକମାନଙ୍କ କଲ୍ୟାଣ ଓ **1 କୋଟି 55 ଲକ୍ଷ ଟଙ୍କା** ଜାତୀୟ କାର୍ଯ୍ୟକ୍ରମ ଏବଂ ସ୍ୱତନ୍ତ୍ର ଉତ୍ସବ ପାଳନରେ ଯୋଗଦାନ ପାଇଁ ଉଦ୍ଦିଷ୍ଟ ।

### 11.2 କ୍ରୀଡା ଓ ଯୁବସେବା ବିଭାଗ

ଯୁବ ଶକ୍ତି ଭବିଷ୍ୟତ ଆଶା ଆକାଂକ୍ଷାର ପ୍ରତୀକ । ରାଜ୍ୟର ଖେଳାଳୀମାନେ ହକି, ଭାରଉତ୍ତୋଳନ, ଚେସ୍ ଓ ଦୌଡକୁଦରେ

ଜାତୀୟ ଓ ଆନ୍ତର୍ଜାତିକ କ୍ଷେତ୍ରରେ ସୁନାମ ଅର୍ଜନ କରିଛନ୍ତି । ଓଡିଶା ସରକାର ପ୍ରତିଭାବାନ ଖେଳାଳୀମାନଙ୍କୁ ଓଡିଶା ପୋଲିସ୍‌ରେ ପ୍ରତ୍ୟକ୍ଷ ନିଯୁକ୍ତି ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି ।

ଉଭୟ ଯୋଜନା ଓ ଅଣ ଯୋଜନା କ୍ଷେତ୍ରରେ ଏହି ବିଭାଗ ପାଇଁ **94 କୋଟି 84 ଲକ୍ଷ ଟଙ୍କା**ର ବ୍ୟୟବରାଦ କରାଯାଇଛି ।

- କ୍ରୀଡା ଭିତ୍ତିଭୂମିର ଉନ୍ନତି ପାଇଁ **38 କୋଟି 1 ଲକ୍ଷ ଟଙ୍କା** ଓ ମିନି ଷ୍ଟାଡିୟମ ନିର୍ମାଣ ପାଇଁ **11 କୋଟି ଟଙ୍କା** ବ୍ୟବସ୍ଥା କରାଯାଇଛି ।

## 11.3 **ସଂସ୍କୃତି ବିଭାଗ**

ପ୍ରାଚୀନତା, ବିବିଧତା ତଥା ନିରବଚ୍ଛିନ୍ନତା ହେଉଛି ଓଡିଶାର ସମୃଦ୍ଧ ସାଂସ୍କୃତିକ ପରମ୍ପରାର ବୈଶିଷ୍ଟ୍ୟ । ପୂର୍ବ ପୁରୁଷଙ୍କର ଏହି ସମ୍ପତ୍ତିକୁ ସୁରକ୍ଷିତ, ସଂରକ୍ଷିତ ଓ ପାଳନ କରିବା ଆମର ଦାୟିତ୍ୱ ।

ରାଜ୍ୟ ବଜେଟ୍‌ରେ ଉଭୟ ଯୋଜନା ଓ ଅଣଯୋଜନା କ୍ଷେତ୍ର ପାଇଁ **87 କୋଟି 45 ଲକ୍ଷ ଟଙ୍କା**ର ବ୍ୟୟବରାଦ କରାଯାଇଛି, ତା ମଧ୍ୟରୁ ପ୍ରାଚୀନ ଓ ବୌଦ୍ଧ କୀର୍ତ୍ତିରାଜିର ସଂରକ୍ଷଣ ପାଇଁ **16 କୋଟି 25 ଲକ୍ଷ ଟଙ୍କା** ଏବଂ ଭାଗବତ ଟୁଙ୍ଗିର ପୁନରୁଦ୍ଧାର ପାଇଁ **3 କୋଟି ଟଙ୍କା** ଉଦ୍ଦିଷ୍ଟ ।

## 11.4 **ପର୍ଯ୍ୟଟନ ବିଭାଗ**

ପର୍ଯ୍ୟଟନର ବିକାଶ ପାଇଁ ଆମ ରାଜ୍ୟର ଅସୀମିତ ସାମର୍ଥ୍ୟ ରହିଛି । ଏହି କ୍ଷେତ୍ରର ସୁଦୂରପ୍ରସାରୀ ପ୍ରଭାବ ହୋଟେଲ୍ ଶିଳ୍ପ, ହସ୍ତକଳା ଏବଂ ହସ୍ତତନ୍ତ ଆଦି ବିଭିନ୍ନ କ୍ରିୟାକଳାପ ଉପରେ ରହିଛି ।

ପର୍ଯ୍ୟଟନ ବିକାଶ ନିମନ୍ତେ ଉଭୟ୍ ଯୋଜନା ଓ ଅଣଯୋଜନା କ୍ଷେତ୍ରରେ ଏହି ବିଭାଗ ପାଇଁ **148 କୋଟି 68 ଲକ୍ଷ ଟଙ୍କାର** ବ୍ୟୟ୍ବରାଦ କରାଯାଇଛି ।

- ପର୍ଯ୍ୟଟନ ଭିତ୍ତିଭୂମିର ଉନ୍ନୟ୍ନ ପାଇଁ **105 କୋଟି 15 ଲକ୍ଷ ଟଙ୍କାର** ବ୍ୟୟ୍ବରାଦ କରାଯାଇଛି ।
- ଆନ୍ତର୍ଜାତିକ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ପାଇଁ ବିଜ୍ଞାପନ ଓ ଆନ୍ତର୍ଜାତିକ ମେଳା ଆୟୋଜନ ନିମନ୍ତେ **27 କୋଟି ଟଙ୍କାର** ବ୍ୟୟ୍ବରାଦ କରାଯାଇଛି ।

## 12. **ପୁରୀ ନବକଳେବର 2015**

**12.1** ମହାପ୍ରଭୂ ଶ୍ରୀ ଜଗନ୍ନାଥ ହେଉଛନ୍ତି ଓଡିଶାର ସାମାଜିକ ଓ ସାଂସ୍କୃତିକ ଜୀବନର କେନ୍ଦ୍ରବିନ୍ଦୁ । ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ବିଶ୍ୱ ପ୍ରସିଦ୍ଧ ଅଟେ । ଆମ ସରକାର ନବକଳେବର 2015 କୁ ଉତ୍ସାହର ସହ ପାଳନ ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନେଉଛନ୍ତି ।

- ଆମେ ମନ୍ଦିର ସହର ପୁରୀ ଓ ଏହାର ଆଖପାଖ ଅଞ୍ଚଳର ଭିତ୍ତିଭୂମି ଉନ୍ନୟ୍ନ, ଚାଲୁ ରହିଥିବା ସାଧାରଣ ସେବା ଓ ସୁବିଧାର ଉନ୍ନତିକରଣ ପାଇଁ ବହୁବିଧ ପଦକ୍ଷେପ ନେଇଛୁ । ଏହି ଉତ୍ସବ ପୂର୍ବରୁ ଏଥିରେ ସମ୍ପୃକ୍ତ ବିଭାଗ ମାନଙ୍କ ଦ୍ୱାରା ବିଭିନ୍ନ ଭିତ୍ତିଭୂମି ଓ ଆବଶ୍ୟକୀୟ୍ ସେବା ପାଇଁ ବଜେଟରେ ବ୍ୟୟ୍ବରାଦ କରାଯାଇଛି ।
- ନିୟ୍ମିତ ନୀତି, ରଥ ନିର୍ମାଣ, ପାଳିଆ ସେବକ ଓ ଦଇତାପତି ନିଯୋଗଙ୍କୁ ଆର୍ଥିକ ପ୍ରୋତ୍ସାହନ, ସେବକ ମାନଙ୍କ କଲ୍ୟାଣ ଓ

କୋଠ ଭୋଗ ସମେତ ନବକଳେବର 2015 ଖର୍ଚ୍ଚ ନିମନ୍ତେ **20 କୋଟି ଟଙ୍କାର** ବ୍ୟୟବରାଦ କରାଯାଇଛି ।

- ନବକଳେବର 2015 ଉପଲକ୍ଷେ ପ୍ରଥମଥର ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ଐତିହ୍ୟ ସମ୍ପନ୍ନ ଜଗନ୍ନାଥ ମନ୍ଦିରକୁ ଏକକାଳୀନ ଅନୁଦାନ ନିମନ୍ତେ ବଜେଟରେ **5 କୋଟି ଟଙ୍କା** ବ୍ୟୟବରାଦ କରାଯାଇଛି ।

- ଓଡିଶା ପର୍ଯ୍ୟଟକ ମାନଙ୍କ ପାଇଁ ଆକର୍ଷଣୀୟ ସ୍ଥାନ ଅଟେ । ପର୍ଯ୍ୟଟନର ବିକାଶ ବହୁ ପରିଭ୍ରମଣକାରୀଙ୍କୁ ଓଡିଶା ଆମନ୍ତ୍ରଣ କରେ । ପର୍ଯ୍ୟଟକଙ୍କୁ ସୁରକ୍ଷା ଓ ନିରାପତ୍ତା ଯୋଗାଇ ଦେବାପାଇଁ ପର୍ଯ୍ୟଟନ ପୋଲିସ ବ୍ୟବସ୍ଥା ସ୍ଥାପନ ପାଇଁ ପ୍ରସ୍ତାବ ରଖାଯାଇଛି । ନବକଳେବର ସମୟରେ ଏକ ଶୃଙ୍ଖଳିତ ପର୍ଯ୍ୟଟନ ପୋଲିସ ବ୍ୟବସ୍ଥା କରୁଛୁ । ସେମାନେ ରଥଯାତ୍ରା ସମୟରେ ମୁତୟନ ହେବେ । ଏଥିପାଇଁ ପର୍ଯ୍ୟଟନ ବିଭାଗ ବଜେଟ୍‌ରେ **3 କୋଟି ଟଙ୍କାର** ବ୍ୟୟବରାଦ କରାଯାଇଛି ।

- ତୀର୍ଥଯାତ୍ରୀଙ୍କୁ ମାଳତୀପାଟପୁର ବସ୍‌ଷ୍ଟାଣ୍ଡରୁ ପୁରୀ ସହରକୁ ନବକଳେବର ସମୟରେ ମାଗଣାରେ ନେବାପାଇଁ 2015-16 ଆର୍ଥିକ ବର୍ଷ ବଜେଟ୍‌ରେ **40 ଲକ୍ଷ ଟଙ୍କା**ର ବ୍ୟୟବରାଦ କରାଯାଇଛି ।

- ଯାତ୍ରା ସମୟରେ ରାତିଦିନ 24 ଘଣ୍ଟା ପୁରୀ ସହରରେ ଅତ୍ୟାବଶ୍ୟକୀୟ ସେବା ଯୋଗାଇ ଦେବା ପାଇଁ ପ୍ରସ୍ତାବ ରଖାଯାଇଛି । ନବକଳେବର ସମୟରେ ପୁରୀରେ ଶକ୍ତି କ୍ଷେତ୍ରରେ ଭିତ୍ତିଭୂମି ପାଇଁ **67 କୋଟି ଟଙ୍କା** ବ୍ୟୟବରାଦର ପ୍ରସ୍ତାବ ରଖାଯାଇଛି ।

## ଉନ୍ନତ ଆର୍ଥିକ ପରିଚାଳନା ପାଇଁ ପଦକ୍ଷେପ : -

**13.1** ସାମଗ୍ରିକ ଆର୍ଥିକ ପରିଚାଳନା ଦକ୍ଷତା ଓ ସରକାରୀ କ୍ଷେତ୍ରର ବ୍ୟୟ ପରିଚାଳନାର ଗୁଣାତ୍ମକମାନ ବୃଦ୍ଧି ପାଇଁ ଏବଂ ଜନସାଧାରଣଙ୍କ ସୁବିଧା ପାଇଁ ଆମେ କେତେକ ଇ-ସେବା ଯୋଗାଇ ଦେବାକୁ ପଦକ୍ଷେପ ନେଇଛୁ ।

## ଆର୍ଥିକନିତୀ ପ୍ରଣୟନ ପାଇଁ ଉତ୍କର୍ଷ କେନ୍ଦ୍ର :-

**13.2** ଆର୍ଥିକ ନିତୀ ପ୍ରଣୟନ ଓ ଟିକସ ବ୍ୟବସ୍ଥା ପରିଚାଳନା ପାଇଁ ଅର୍ଥନିତୀ ଓ ଆର୍ଥିକ ପରିଚାଳନା ବିଷୟରେ ଶିକ୍ଷାଦାନ ଓ ଗବେଷଣା ସଂସ୍ଥା ମାନଙ୍କର ଜ୍ଞାନ କୌଶଳ ସରକାରୀ କ୍ଷେତ୍ରର ଏକ ବହୁଦିନର ଆବଶ୍ୟକତା । ସେଥିପାଇଁ ଆମେ **12 କୋଟି ଟଙ୍କା** ବ୍ୟୟବରାଦରେ 2015-16 ଆର୍ଥିକ ବର୍ଷରେ ଭୁବନେଶ୍ୱର Xavier University ସହାୟତାରେ ଏକ ଉତ୍କର୍ଷ କେନ୍ଦ୍ର ସ୍ଥାପନ କରିବାକୁ ଯାଉଛୁ । ଏହା ଆମକୁ ରାଜସ୍ୱ ଓ ଆର୍ଥିକ ପରିଚାଳନାରେ ଉନ୍ନତି ପାଇଁ ଗବେଷଣା ଲବ୍ଧ ଜ୍ଞାନ ଆହରଣରେ ସହାୟକ ହେବ ।

## 13.3 ସମନ୍ୱିତ ଆର୍ଥିକ ପରିଚାଳନ ଅନ୍ତର୍ଗତ ଇ-ସେବା :-

ମିଶନ ହିସାବରେ କାର୍ଯ୍ୟକାରୀ ହେଉଥିବା National e-Governance Action Plan ଅନ୍ତର୍ଗତ Integrated Financial Management System (IFMS)କୁ ଆମେ କାର୍ଯ୍ୟକାରୀ କରୁଛୁ । ଏଥିରେ internet ଦ୍ୱାରା ମୁଖ୍ୟ ଆର୍ଥିକ ପରିଚାଳନା ପ୍ରକ୍ରିୟା ଗୁଡିକ ସମ୍ପାଦିତ ହେବ । ଏହା ଦ୍ୱାରା ଆର୍ଥିକ ପରିଚାଳନା କ୍ଷେତ୍ରରେ ଏକ କେନ୍ଦ୍ରୀୟ ନିୟନ୍ତ୍ରଣ ବ୍ୟବସ୍ଥା ଉପଲବ୍ଧ ହେବ ।

## 13.4 ବାଣିଜ୍ୟ କର ପ୍ରସାଶନ ଅନ୍ତର୍ଗତ ଇ-ସେବା

ପ୍ରର୍ଯ୍ୟାୟକ୍ରମେ ବାଣିଜ୍ୟକର ସଂସ୍ଥା ଦ୍ଵାରା ବ୍ୟବସାୟୀମାନଙ୍କ ସୁବିଧା ପାଇଁ କେତେକ ଇ-ସେବାର ପ୍ରଚଳନ କରାଯାଇଛି । ଏହାଦ୍ଵାରା ଟିକସ ବ୍ୟବସ୍ଥାର ସ୍ଵଚ୍ଛତା ଓ ଦକ୍ଷତା ବୃଦ୍ଧି ହେବା ସହ ବ୍ୟବସାୟୀମାନଙ୍କୁ ନିର୍ବିଘ୍ନ କାରବାର ପାଇଁ ସୁଯୋଗ ମିଳିବ ।

## 13.5 ବକେୟା ରାଜସ୍ଵ ଆଦାୟ ସମୀକ୍ଷା

ବକେୟା ରାଜସ୍ଵ ଆଦାୟ ଦ୍ଵାରା ଆମ ଆର୍ଥିକ ସମ୍ବଳର ଅଭିବୃଦ୍ଧି ହୋଇପାରିବ । ଏକ Management Information System ଦ୍ଵାରା ସୁସଂଗତ ଭାବରେ ବକେୟା ରାଜସ୍ଵର ଅନୁଧ୍ୟାନ ଓ ଆଦାୟ ପାଇଁ ଆବଶ୍ୟକୀୟ ଆଇନଗତ ଓ ପ୍ରଶାସନିକ ପଦକ୍ଷେପ ନେବାକୁ ସହଜ ହେବ । ଆମେ ଏଭଳି ଏକ ବ୍ୟବସ୍ଥା କାର୍ଯ୍ୟକ୍ଷମ କରିବୁ ଓ ବକେୟା ରାଜସ୍ଵ ଆଦାୟ ପାଇଁ ଦୃଢ ପଦକ୍ଷେପ ନେବୁ ।

## 13.6 ସରକାରୀ ଖର୍ଚ୍ଚ ବ୍ୟବସ୍ଥାର ଗୁଣାତ୍ମକ ଉନ୍ନତି

ସରକାରୀ ବ୍ୟୟ ପରିଚାଳନା ଦକ୍ଷତା ବୃଦ୍ଧିକରିବା ଓ ଏହାକୁ ଫଳପ୍ରସୁ କରାଇବା ଆମ ଆର୍ଥିକ ପରିଚାଳନା ବ୍ୟବସ୍ଥାର ଏକ ମୁଖ୍ୟ ଅଂଶ । ସରକାରୀ ବ୍ୟୟ ଧାରାରେ ପରିଲିକ୍ଷିତ ହେଉଥିବା ଅସଙ୍ଗତିକୁ ଦୂର କରିବାର ଆବଶ୍ୟକତା ରହିଛି । ଆମର ବ୍ୟୟ ଧାରାକୁ ପରିମାର୍ଜିକ କରି ବ୍ୟୟ ପରିଚାଳନା ବ୍ୟବସ୍ଥାରେ ଫଳାଫଳକୁ ଗୁରୁତ୍ଵ ଦେବାସହ, ସେବା ପ୍ରଦାନରେ ଉନ୍ନତି ଆଣି ଟିକସ ଦାତାଙ୍କ ଅର୍ଥର ସମ୍ପୁର୍ଣ୍ଣ ମୂଲ୍ୟ ପ୍ରଦାନ କରିବାକୁ ହେବ । ଏକ ଆନୁଷ୍ଠାନୀକ ବ୍ୟବସ୍ଥା

ଦ୍ୱାରା ସରକାରୀ ବ୍ୟୟ ପରିଚାଳନାକୁ ଅଧିକ କାର୍ଯ୍ୟଦକ୍ଷ କରିବାପାଇଁ ନିର୍ଦ୍ଦିଷ୍ଟ ପଦକ୍ଷେପ ନେବୁ ।

**14. ବଜେଟ ଅଟକଳ ଓ ବିତ୍ତୀୟ ଉତ୍ତରଦାୟୀ ଓ ଆଇନ ପରିଚାଳନା ସମ୍ବନ୍ଧୀୟ ଲକ୍ଷ୍ୟ**

**14.1** ଓଡିଶା ବିତ୍ତୀୟ ଉତ୍ତରଦାୟୀ ଓ ବଜେଟ ପରିଚାଳନା ଆଇନ ଅନୁଯାୟୀ  ରାଜସ୍ୱ ହିସାବରେ ସଂନ୍ତୁଳନ, ବିତ୍ତୀୟ ନିଅଣ୍ଟକୁ ସାମଗ୍ରୀକ ଘୋରୋଇ ଉତ୍ପାଦର ତିନି ପ୍ରତିଶତରେ ଓ ଋଣଭାରକୁ ସାମଗ୍ରୀକ ଘରୋଇ  ଉତ୍ପାଦର 25 ପ୍ରତିଶତରେ ସୀମିତ ରଖିବାକୁ ହେବ । ବଜେଟରେ ଏହି ତିନୋଟି ବିତ୍ତୀୟ ଲକ୍ଷ୍ୟ ହାସଲ କରିବାକୁ ଆମେ ବ୍ୟବସ୍ଥା ରଖିଛୁ  ।

**14.2**  2015-16 ଆର୍ଥିକ ବର୍ଷରେ ଆମର ରାଜସ୍ୱ ଖର୍ଚ୍ଚ **65838 କୋଟି 99 ଲକ୍ଷ ଟଙ୍କା** ହେବ ବୋଲି ଆକଳନ ହୋଇଛି । ରାଜସ୍ୱ ହିସାବରେ ସଂନ୍ତୁଳନ ଆଣିବା ପରେ ଆମେ **5101 କୋଟି 51 ଲକ୍ଷ** ଟଙ୍କାର ରାଜସ୍ୱ ବଳକା ସୃଷ୍ଟି ହେବ ବୋଲି ଅନୁମାନ କରୁଛୁ, ଯାହାକି ସାମଗ୍ରିକ ଘରୋଇ ଉତ୍ପାଦର 1.47 ପ୍ରତିଶତ ହେବ । ବିତ୍ତୀୟ ନିଅଣ୍ଟ **10400 କୋଟି 28 ଲକ୍ଷ ଟଙ୍କା** ହେବ, ଯାହାକି ମୋଟ ଘରୋଇ ଉତ୍ପାଦର ଶତକଡା 2.99 ଭାଗ ହେବ ।

**14.3** 2015-16 ଆର୍ଥିକବର୍ଷ ଶେଷ ସୁଦ୍ଧା ଋଣଭାର **56640 କୋଟି 13 ଲକ୍ଷ ଟଙ୍କା**ରେ ପହଞ୍ଚିବ, ଯାହାକି, ସାମଗ୍ରୀକ ଘରୋଇ ଉତ୍ପାଦର ଶତକଡା 16.27 ଭାଗ ହେବ ବୋଲି ଅନୁମାନ କରାଯାଏ ।

**15.** ଅହିଂସାର ପୂଜାରୀ ଜାତିର ପିତା ମହାତ୍ମା ଗାନ୍ଧୀ କହିଥିଲେ ଯେ ଦାରିଦ୍ର୍ୟ ହେଉଛି, ହିଂସାର ସବୁଠାରୁ ବଡ ପ୍ରତୀକ । ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଜୀଙ୍କର ଦକ୍ଷ ନେତୃତ୍ୱରେ ପରିଚାଳିତ ଆମ ସରକାର ଦାରିଦ୍ର୍ୟ ଦୂରୀକରଣକୁ ସର୍ବାଧିକ ପ୍ରାଥମିକତା ଦେଉଛନ୍ତି । ମୋର ବିଶ୍ୱାସ ଯେ ଏହି ବଜେଟ ଦାରଦ୍ର୍ୟ ଦୂରୀକରଣ ଲକ୍ଷ୍ୟ ହାସଲ ନିମନ୍ତେ ସହାୟକ ହେବ ।

*// ଜୟ ହିନ୍ଦ୍ //*
*ବନ୍ଦେ ଉତ୍କଳ ଜନନୀ*

ଓଡ଼ିଶା ସରକାରୀ ମୁଦ୍ରଣାଳୟ, ମଧୁପାଟଣା, କଟକ-୧୦ରେ ମୁଦ୍ରିତ